CMYK

- Vol.- 46, Issue No. 169
- Thursday, 18 September 2025
- ଗୁରୁବାର, ୧୮ ସେପ୍ଟେମ୍ବର ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







# ଆହ୍ୱାନ ପାଲଟିଲା ସାମାଜିକ ଆନ୍ଦୋଳନ



ଭୁବନେଶ୍ୱର, ୧୭।୯(ନିପ୍ର): ଏକ ଅନନ୍ୟ ଇତିହାସ ଏବଂ ଏକ ଅସାଧାରଣ ଉଦାହରଣ ସୃଷ୍ଟି କରିଛି ଆଜି ଓଡିଶା । ମାତ୍ର ୧୨ ଘଣ୍ଟା ଭିତରେ ପାଖାପାଖି ୧.୫ କୋଟି ଚାରା ରୋପଣ କରି ପ୍ରମାଣିତ କରି ଦେଖେଇ ଦେଇଛନ୍ତି ଓଡ଼ିଆମାନେ ସାରା ବିଶ୍ୱକୁ ଯେ ସେମାନେ କିପରି ଏକ ମହାନ ଜାତି। 'ଏକ ପେଡ୍ ମା କେ ନାମ ଦ୍ୱିତୀୟ ସଂସ୍କରଣ' ଅଭିଯାନ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ କରିଥିଲେ । ଏହି ଆହ୍ୱାନକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରି ଓଡ଼ିଶାବାସୀ ଅପରାହ୍ନ ୪.୩୦ ସୁଦ୍ଧା ୧,୪୯,୧୧,୩୩୯ ଗୋଟି ଚାରା ରୋପଣ କରି କେବଳ ଭାରତ ବର୍ଷ ନୁହଁ, ବିଶ୍ୱ ରେକର୍ଡ ସ୍ଥାପନ ପୂର୍ବକ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେଥିପାଇଁ ସମ୍ପୃକ୍ତ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଛାତ୍ର-ଛାତ୍ରୀ, ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କୁ ବିଭାଗ ପକ୍ଷରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ପୂର୍ବରୁ ମଧ୍ୟପ୍ରଦେଶ ସରକାର ଗୋଟିଏ ଦିନରେ ୧୧ ଲକ୍ଷ ଚାରା ରୋପଣ କରି ରେକର୍ଡ ସୃଷ୍ଟିକରିଥିଲା । ତା'ପୂର୍ବରୁ ଆସାମ ସରକାର ଗୋଟିଏ ଦିନରେ ୯ ଲକ୍ଷ ୨୬ ହଜାର ଚାରା ରୋପଣ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । କିନ୍ତୁ, ଆଜି ଓଡ଼ିଶା ୧.୫ କୋଟି ଚାରା ରୋପଣ କରି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି । ୭୧,୯୨୪ଟି ପୂର୍ବ ନିର୍ଦ୍ଧାରିତ ସ୍ଥାନ ସମେତ ରାଜ୍ୟବ୍ୟାପୀ ଏହି ସଘନ ଚାରା ରୋପଣ କାର୍ଯ୍ୟ ସମାହିତ ହୋଇଛି । ସୁନ୍ଦରଗଡ଼ ଜିଲ୍ଲା ୧୪,୨୧,୬୧୮ ଚାରା ରୋପଣ ସହ ଏହି ଅଭିଯାନରେ ଶୀର୍ଷରେ ରହିଛି । କୋରାପୁଟ ୧୧,୦୧,୬୨୪ ଚାରା ରୋପଣ ସହିତ ଦ୍ୱିତୀୟ ଏବଂ କେନ୍ଦୁଝର ୧୦,୪୨,୯୨୭ ଚାରା ରୋପଣ ସହିତ ତୃତୀୟ ସ୍ଥାନରେ ରହିଛି । ମୟୂରଭଞ୍ଜ ୯,୧୭,୬୫୯ ଏବଂ ଏବଂ କଳାହାଣ୍ଡି ୭,୬୭,୫୧୦ ଚାରା ରୋପଣ ସହିତ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି । ୧,୩୧,୮୮୫ ଚାରା ରୋପଣ ସହିତ ଦେବଗଡ ତାଲିକାର ଶେଷରେ ରହିଛି ।

- ମୋଦିଙ୍କ ଜନ୍ମଦିନରେ ବଡ଼ ଭେଟି
- ଓଡ଼ିଶା ଲଗାଇଲା କୋଟିଏରୁ ଅଧିକ ଗଛ
- କେବଳ ଭାରତ ବର୍ଷ ନୁହଁ, ବିଶ୍ୱ ରେକର୍ଡ
- ୭୫ ଲକ୍ଷ ଚାରା ରୋପଣ ପାଇଁ ଥିଲା ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ଶୀର୍ଷରେ ସୁନ୍ଦରଗଡ଼: ୧୪,୨୧,୬୧୮ ଚାରା ରୋପଣ

## ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ରଙ୍ଗିନ ଫଟୋ



ନୂଆଦିଲ୍ଲୀ, ୧୭।୯: ଭାରତୀୟ ନିର୍ବାଚନ କମିଶନ ଇଭିଏମ୍ ବାଲଟ୍ ପେପରର ନକ୍ସା ସଂଶୋଧନ କରିଛି। ଆଗାମୀ ବିହାର ବିଧାନସଭା ନିର୍ବାଚନରୁ ପ୍ରାର୍ଥୀଙ୍କ ରଙ୍ଗିନ ଫଟୋ ଇଭିଏମ୍‌ରେ ପ୍ରଥମ ଥର ପାଇଁ ପ୍ରିଣ୍ଟ ହେବ। ଫଟୋ ତିନି-ଚତୁର୍ଥାଂଶ ସ୍ଥାନରେ ରହିବ ଯାହା ଦ୍ୱାରା ପ୍ରାର୍ଥୀଙ୍କୁ ସ୍ପଷ୍ଟ ଚିହ୍ନିବା ସହଜ ହେବ। ଏହା ସହ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ଓ ନୋଟା ୩୦ ଫଣ୍ଟ ସାଇଜରେ ବୋଲ୍ଡରେ ପ୍ରିଣ୍ଟ ହେବ।ବାଲଟ୍ ପେପର ୭୦ ଜିଏସଏମ୍ ଗୁଣବତ୍ତା ଓ ବିହାର ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଆର୍‌ଜିବି ମୂଲ୍ୟ ସହିତ ଗୋଲାପୀ ରଙ୍ଗରେ ପ୍ରିଣ୍ଟ ହେବ। ଏହି ପରିବର୍ତ୍ତନ ଭୋଟରଙ୍କ ପାଇଁ ସ୍ୱଚ୍ଛତା ବୃଦ୍ଧି ଓ ଭୋଟିଂ ପ୍ରକ୍ରିୟାକୁ ସରଳ କରିବ।ଏହା ପୂର୍ବରୁ ବିହାରର ସ୍ୱତନ୍ତ୍ର ନିର୍ବାଚନୀ ତାଲିକା ସଂଶୋଧନ (ଏସଆଇଆର୍) କାର୍ଯ୍ୟରେ ୬୫ ଲକ୍ଷ ନାମ ବାଦ ଦିଆଯାଇଥିବା ନେଇ ବିରୋଧୀ ଦଳ ସୁପ୍ରିମକୋର୍ଟରେ ଆପତ୍ତି ଉଠାଇଛନ୍ତି। ସୁପ୍ରିମକୋର୍ଟ ଅକ୍ଟୋବର ୭ରେ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି।

## ଆଜିଠୁ ବିଧାନସଭା ଅଧିବେଶନ

- ସରଗରମ କରିବେ ବିରୋଧୀ
- ସୁରକ୍ଷା ଯାଞ୍ଚ କଲେ ଡିଜିପି

ଭୁବନେଶ୍ୱର, ୧୭।୯(ନିପ୍ର): ଗୁରୁବାରଠୁ ଆରମ୍ଭ ହେଉଛି ବିଧାନସଭାର ମୌସୁମୀ ଅଧିବେଶନ । ଏକ ସୂତ୍ରରୁ ପ୍ରକାଶ ଯେ କଂଗ୍ରେସ ଏଥର ଆଇନ ଶୃଙ୍ଖଳା ପ୍ରସଙ୍ଗ ଆଣି ଅନାସ୍ଥା ପ୍ରସ୍ତାବ ଆଣିବ । ଅପରପକ୍ଷେ ମହିଳା, ଚାଷୀ ଓ ରଥଯାତ୍ରା ଦଳାଚକଟା ପ୍ରସଙ୍ଗ ଉଠାଇବାକୁ ବିଜେଡି ଅଣ୍ଟା



ଭିଡ଼ିଛି । ଏଣୁ ଏହି ଅଧିବେଶନ ସରଗରମ ହେବା ସମ୍ଭାବନା ବଢ଼ିଛି । କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୋଲିସ ଡିଜି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି । ଏଥିପାଇଁ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିୟୁ, ବୋମାନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କାଇଡ୍ ଓ ଅଗ୍ନିଶମ ବିଭାଗ ମଧ ଦାୟିତ୍ୱରେ ରହିବେ । ଲୋୟର ପିଏମ୍‌ଜିରେ ୧୪୪ ଧାରା ଜାରି କରାଯିବ । ସିସିଟିଭିସର୍ଭିଲାନ୍ସ ଦ୍ୱାରା ବିଧାନସଭା ଓ ତାକୁ ଲାଗିରହିଥିବା ସଂଲଗ୍ନ ସ୍ଥାନଗୁଡିକୁ ରଖାଯିବ ।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଭେଟିଲେ

ପୁରୀ, ୧୭।୯(ନିପ୍ର): ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ ଅରବିନ୍ଦ ପାଢ଼ୀ ଦିଲ୍ଲୀ ଗସ୍ତ ଅବସରରେ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ମହାନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରିଛନ୍ତି । ଶ୍ରୀମନ୍ଦିରର ଐତିହ୍ୟ ଆଲୋକୀକରଣ ପ୍ରକଳ୍ପ ତଥା ନିକଟରେ ନିଆଯାଇଥିବା ଶ୍ରୀମନ୍ଦିର ବିଭିନ୍ନ ସଂରକ୍ଷଣ କାର୍ଯ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଏଏସଆଇ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରିଛନ୍ତି ମୁଖ୍ୟ ପ୍ରଶାସକ । ଏହି ଅବସରରେ ଏଏସଆଇ ଉପମହାନିର୍ଦ୍ଦେଶକ ଡ. ଜାହାନାବିଜ୍ ଶର୍ମା ଉପସ୍ଥିତ ଥିଲେ।

## ୨୩ରେ ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର



ପୁରୀ, ୧୭।୯ (ନିପ୍ର): ଆସନ୍ତା ୨୩ ତାରିଖରେ ମୂଳ ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ ମହାପ୍ରଭୁଙ୍କ ଅଳଙ୍କାର। ସେହିଦିନ ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯଦି ଏହା ଗୋଟିଏ ଦିନରେ ସମ୍ପନ୍ନ ନ ହୁଏ, ତେବେ ୨୪ ତାରିଖରେ ପୁନର୍ବାର ସ୍ଥାନାନ୍ତର କରାଯିବ ବୋଲି ରତ୍ନଭଣ୍ଡାର ସବକମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଅଳଙ୍କାର ସ୍ଥାନାନ୍ତର ଲାଗି ଭୋର ୪ଟାରୁ ଦ୍ୱାରଫିଟା ହେବ। ଏହା ପରେ ଅମୃତ ବେଳା ଅନୁସାରେ ରତ୍ନ ସ୍ଥାନାନ୍ତର କରାଯିବ। ଏଥିପାଇଁ ଉକ୍ତ ଦିନ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ କଟକଣା ରହିବ। ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ତାଲା ପକାଯିବ। ଏହା ପରେ ସେହି ଚାବିକୁ ଟ୍ରେଜେରିରେ ଦାଖଲ କରାଯିବ।

## 'ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ'

ଭୁବନେଶ୍ୱର, ୧୭।୯(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ଧାର୍ ଠାରେ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ ହୋଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡିହୋଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହେଲଥ୍ ସ୍କ୍ରିନିଂ ଷ୍ଟଲ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେପ୍ଟେମ୍ବର ୧୭ ତାରିଖ ଅର୍ଥାତ୍



- ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ସହଯୋଗର ହାତ ବଢ଼ାଇଛନ୍ତି ମୋଦିଜୀ

ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ମହିଳାଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଶୁଭଙ୍କର ଦିନ। ଗତ ବର୍ଷ ଏହି ଦିବସରେ ମୋଦିଜୀ ଓଡ଼ିଶାର ମା' ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଆର୍ଥିକ ସଶକ୍ତିକରଣ ପର୍ଯ୍ୟନ୍ତ ନାରୀ ଜୀବନର ପ୍ରତ୍ୟେକ ପର୍ଯ୍ୟାୟ(ଫେଜ୍)ରେ ମୋଦିଜୀଙ୍କ ଯୋଜନା ସେମାନଙ୍କୁ ସହଯୋଗର ହାତ ବଢାଇଛି। ଉଜ୍ଜ୍ୱଳା ଯୋଜନା, କିଶୋରୀ ଶକ୍ତି ଯୋଜନା, ନୟୀ ରୋସ୍‌ନୀ ଯୋଜନା, ବେଟି ବଚାଓ ବେଟି ପଢାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ପରି ଅନେକ ଯୋଜନା ମହିଳାଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି। ସେ ପୁଣି କହିଥିଲେ, ଏହି ଅଭିଯାନରେ ମହିଳାଙ୍କ ଉଚ୍ଚରକ୍ତ ଚାପ, ମଧୁମେହ, କର୍କଟ, ରକ୍ତ ହୀନତା, ଯକ୍ଷ୍ମା, ସିକିଲ୍‌ସେଲ୍ ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗଗୁଡ଼ିକ ଚିହ୍ନଟ କରିବା ପାଇଁ ସ୍କ୍ରିନିଂ କରାଯିବ ଏବଂ ଚିକିତ୍ସା ପାଇଁ ବ୍ୟବସ୍ଥା ମଧ କରାଯିବ।

### ଟ୍ରାଫିକ୍ କନଷ୍ଟେବଳ ଶୁଭମିତ୍ରା ନିଖୋଜ ଘଟଣାର ପର୍ଦ୍ଦାଫାସ

# ଭୁବନେଶ୍ୱରରେ ହତ୍ୟା, କେନ୍ଦୁଝରରେ ମୃତଦେହ

ଭୁବନେଶ୍ୱର, ୧୭।୯(ନିପ୍ର): କମିଶନରେଟ୍ ପୋଲିସର ମହିଳା ଟ୍ରାଫିକ୍ କନଷ୍ଟେବଳ ଶୁଭମିତ୍ରା ସାହୁ ନିଖୋଜ ଘଟଣାର ପର୍ଦ୍ଦାଫାସ ହୋଇଛି। ଶୁଭମିତ୍ରାଙ୍କୁ ତାଙ୍କ ସ୍ୱାମୀ ତଥା ପ୍ରେମିକ କନଷ୍ଟେବଳ ଦୀପକ ରାଉତ ତଣ୍ଟି ଚିପି ହତ୍ୟା କରିଛି। ଭୁବନେଶ୍ୱରରେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ପାଇଁ ଦୁଇ ସହଯୋଗୀ ବିନୋଦ ଭୂୟାଁ ଓ ଜଟିଆଙ୍କ ସହ

- ଘଟଗାଁରେ ଅପରାଧର ସିନ୍ ରିକ୍ରିଏସନ୍
- ଜହ୍ଲାଦ ସ୍ୱାମୀ ସମେତ ୩ ଗିରଫ
- ଧରାଇଲା କଲ୍ ଡିଟେଲ୍‌ସ
- ୧୦ ଲକ୍ଷ ଟଙ୍କା ମାଗିବା ଝଗଡ଼ାରୁ ହତ୍ୟା !

ତାଙ୍କୁ କେନ୍ଦୁଝର ଜିଲ୍ଲା ଘଟଗାଁର ଏକ ଜଙ୍ଗଲରେ ପୋତି ଦେଇଥିଲା। ତଦନ୍ତ ବେଳେ କମିଶନରେଟ ପୋଲିସ ଏହା ଜାଣିବାକୁ ପାଇଛି। ପରେ ହତ୍ୟାକାରୀ ଦୀପକ ସହ ୩ଜଣଙ୍କୁ ଗିରଫ କରିଛି। ଜଗତସିଂହପୁର ଜିଲ୍ଲା ପାରାଦୀପର ବାସିନ୍ଦା ଏବଂ ଭୁବନେଶ୍ୱରରେ ଟ୍ରାଫିକ୍ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିବା ମୃତ ଶୁଭମିତ୍ରା ସାହୁ ସେପ୍ଟେମ୍ବର ୬ ତାରିଖରେ ଡ୍ୟୁଟି ପାଇଁ ଘରୁ ବାହାରିବା ପରେ ନିଖୋଜ ହୋଇଯାଇଥିଲେ। ଶୁଭମିତ୍ରାଙ୍କ ମା ସୁକାନ୍ତି ସାହୁ କ୍ୟାପିଟାଲ ଥାନାରେ ଝିଅ ନିଖୋଜ ହୋଇଥିବା ରିପୋର୍ଟ ୭ ତାରିଖରେ ଦାଖଲ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ କମିଶନରେଟ ମୁଖ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଳ ଦୀପକଙ୍କ ସହ ତାଙ୍କର ବନ୍ଧୁତା ଓ ଫୋନ କଲକୁ ଆଧାର କରି ପୋଲିସ ତାଙ୍କୁ ସନ୍ଦେହ ଘେରକୁ ନେଇଥିଲା। ଏପରିକି କିଛିଦିନ ହେଲା ଦୀପକ ତାଙ୍କ ଝିଅକୁ ହଇରାଣ ହରକତ କରୁଥିବା ଶୁଭମିତ୍ରାଙ୍କ ପରିବାର ଲୋକେ ପୋଲିସକୁ କହିଥିଲେ। ତଦନ୍ତ ବେଳେ ଶୁଭମିତ୍ରା ଓ ଦୀପକ କୋର୍ଟରେ ବିବାହ କରିଥିବା ପୋଲିସ ଜାଣିବାକୁ ପାଇଥିଲା।୨୦୨୪ ଜୁଲାଇ ୭ ତାରିଖରେ ସେମାନେ କୋର୍ଟରେ ବିବାହ କରିଥିଲେ। ଉଭୟଙ୍କ ମ୍ୟାରେଜ୍ ସାର୍ଟିଫିକେଟ୍ ମଧ୍ୟ ପୋଲିସର ହସ୍ତଗତ ହୋଇଛି। ଏହା ପରେ ପୋଲିସ ଦୀପକକୁ ହେପାଜତକୁ ନେଇ ଜେରା କରିଥିଲା। ଜେରା ବେଳେ ସେ ସତ ଓଗାଳିଥିଲା। ଗତ ୬ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରର ୟୁନିଟ-୬ ସ୍ଥିତ ଏକ ଜାମୁଗଛ ତଳେ ଦୀପକ ନିଜ କାରରେ କନଷ୍ଟେବଳ ଶୁଭମିତ୍ରା ସାହୁଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ତା'ପରେ ସେହି କାରରେ ମୃତଦେହକୁ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା କୁସୁନପୁର ଗାଁକୁ ନେଇଯାଇଥିଲେ। ସେହି ଗାଁରେ ରହନ୍ତି ଦୀପକଙ୍କ ମାଉସୀ ପୁଅ ଭାଇ ବିନୋଦ ଭୂୟାଁ। ସେଠାରେ ଉଭୟେ ମିଶି ନିକଟସ୍ଥ ଜଙ୍ଗଲରେ ଏକ ଗାତ ଖୋଳି ମୃତଦେହକୁ ପୋତି ଦେଇଥିଲେ। ଏଥିରେ ସେମାନଙ୍କୁ ଜଟିଆ ନାମକ ଆଉ ଜଣେ ବ୍ୟକ୍ତି ମଧ ସହଯୋଗ କରିଥିଲେ। ପୋଲିସ ବିନୋଦ ଭୂୟାଁ ଓ ଜଟିଆଙ୍କୁ ମଧ ଗିରଫ କରିଛି। ୧୦ ଲକ୍ଷ ଟଙ୍କା ପାଇଁ କନଷ୍ଟେବଳ ଶୁଭମିତ୍ରା ସାହୁଙ୍କୁ ଦୀପକ ରାଉତ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ପୋଲିସ କମିଶନର କହିଛନ୍ତି, ୧୦ ଲକ୍ଷ ଟଙ୍କା ପାଇଁ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା। ଶୁଭମିତ୍ରା ଅଭିଯୁକ୍ତ ଦୀପକକୁ ୧୦ ଲକ୍ଷ ଟଙ୍କା ଦେଇଥିଲେ। ବିବାହ ଉତ୍ସବ ପାଳନ ପାଇଁ ଶୁଭମିତ୍ରା ସେହି ଟଙ୍କା ମାଗିବାରୁ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏନେଇ ପ୍ରମାଣ ମିଳିଛି। ଦୀପକ ପୂର୍ବରୁ ବାହା ହୋଇଥିଲେ। ଏକ ଦୁର୍ଘଟଣାରେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ଦୀପକ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ନାଁରେ କୋଟିଏ ଟଙ୍କାର ବୀମା କରିଥିଲେ। ତେଣୁ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ମାମଲା ଏବେ ସନ୍ଦେହ ଘେରକୁ ଚାଲି ଆସିଛି। ପୋଲିସର ଏକ ଟିମ୍ ଅଭିଯୁକ୍ତ ଦୀପକଙ୍କୁ ସାଙ୍ଗରେ ଧରି ଘଟଗାଁ ଯାଇଥିଲେ। ସେଠାରେ ସିନ୍ ରିକ୍ରିଏସନ୍ ସହିତ ଶୁଭମିତ୍ରାଙ୍କ ମୃତଦେହକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜେସିବିରେ ମାଟିଖୋଳି ବାହାର କରାଯାଇଥିଲା। ଶୁଭମିତ୍ରାଙ୍କ ମୃତଦେହକୁ ଏକ ବସ୍ତାରେ ଭର୍ତ୍ତି କରି ମାଟି ଖୋଳି ପୋତି ଦିଆଯାଇଥିଲା।



## ଜାହାଜ ଏମ୍‌ଭି ଡେନସା ଲାୟନ ଗିରଫ



ପାରାଦ୍ୱୀପ, ୧୭।୯(ନିପ୍ର): ପାରାଦ୍ୱୀପ ବନ୍ଦରରେ ଜାହାଜ ଏମ୍‌ଭି ଡେନସା ଲାୟନ ଗିରଫ ହୋଇଛି। ୪୨ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ମେଣ୍ଟେନାନ୍ସ ଟଙ୍କା ବକେୟାକୁ ନେଇ ତାହା ବିରୋଧରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସଂକ୍ରାନ୍ତ ନିର୍ଦ୍ଦେଶ ହାଇକୋର୍ଟ,ଓଡ଼ିଶା ଦେଇଥିଲେ । ଓ୍ୱେପଏଣ୍ଟ ପୋର୍ଟ ସର୍ଭିସ୍ ଲିମିଟେଡର ବକେୟା ଟଙ୍କା ଉକ୍ତ ଜାହାଜ କମ୍ପାନୀ ପୈଠ କରିନାହିଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଜାହାଜ ଆଙ୍କରେଜରେ ରହିବ । ଆଇରନ ପ୍ଲେଟ ନେବା ପାଇଁ ପାରାଦ୍ୱୀପ ଆସିଥିବା ଏମ୍ ଭି ଡେନସା ଲାୟନ ବର୍ତ୍ତମାନ ପିଆଇସିଟି ବର୍ଥରେ ଲାଗିଛି। ଗତ ବର୍ଷକରେ ଏହାକୁ ମିଶାଇ ୪ରୁ ଅଧିକ ଜାହାଜ ପାରାଦ୍ୱୀପ ବନ୍ଦରରେ ଗିରଫ ହୋଇଥିବା ଜଣାଯାଏ। ଗିରଫ ହେବା ପରେ ଅଦାଲତରେ ଆପୋସ ସମାଧାନ ପୂର୍ବରୁ ୩ଟି ଜାହାଜ ଟଙ୍କା ପୈଠକରି ମୁକୁଳି ଥିବାବେଳେ ଏମ୍‌ଭି ଡେନସା ଲାୟନ ଜାହାଜର ଭାଗ୍ୟ ପରବର୍ତ୍ତୀ ଶୁଣାଣି ଉପରେ ନିର୍ଭର କରୁଛି।

# କେଉଁ ତିଥିରେ ଶ୍ରାଦ୍ଧ, କେଉଁ ଫଳ ଲାଭ

# ପିତୃପକ୍ଷ





## କେଉଁ ତିଥିରେ ଶ୍ରାଦ୍ଧ ଦେଲେ କେଉଁ ଫଳ ଲାଭ ହୁଏ

**ପ୍ରତିପଦ** -- ଧନପ୍ରାପ୍ତି
**ଦ୍ୱିତୀୟା** -- ସନ୍ତାନଦାୟକ
**ତୃତୀୟା** -- ପୁତ୍ର ପ୍ରାପ୍ତି
**ଚତୁର୍ଥୀ** -- ଶତ୍ରୁନାଶ
**ପଞ୍ଚମୀ** -- ଲକ୍ଷ୍ମୀପ୍ରାପ୍ତି
**ଷଷ୍ଠୀ** -- ସର୍ବତ୍ର ପୂଜନୀୟ

**ସପ୍ତମୀ** -- ଗଣମାନଙ୍କ ଆଧିପତ୍ୟ
**ଅଷ୍ଟମୀ** -- ଉତ୍ତମ ବୁଦ୍ଧି
**ନବମୀ** -- ସ୍ତ୍ରୀ ପ୍ରାପ୍ତି
**ଦଶମୀ** -- ମନୋରଥ ପୂର୍ଣ୍ଣ
**ଏକାଦଶୀ** -- ଚତୁର୍ବେଦ ପ୍ରାପ୍ତ
**ଦ୍ୱାଦଶୀ** -- ବିଜୟ ଲାଭ

**ତ୍ରୟୋଦଶୀ** -- ସନ୍ତାନ ବୃଦ୍ଧି, ପଶୁ, ମେଧା, ସ୍ୱତନ୍ତ୍ରତା, ଉତ୍ତମ ପୁଷ୍ଟି, ଦୀର୍ଘାୟୁ ତଥା ଐଶ୍ୱର୍ଯ୍ୟର ଭାଗୀ ହୋଇଥାଏ ।
**ଚତୁର୍ଦ୍ଦଶୀ** -- ଯାହାଙ୍କ ପିତା ଯୁବାବସ୍ଥାରେ ମୃତ୍ୟୁକୁ ପ୍ରାପ୍ତି ହୋଇଥିବେ ଅଥବା ଅସ୍ତ୍ରଶସ୍ତ୍ର ଦ୍ୱାରା ନିହତ ହୋଇଥିବେ, ସେହି ପିତୃପୁରୁଷଙ୍କ ତୃପ୍ତ ନିମନ୍ତେ ଚତୁର୍ଦ୍ଦଶୀ ତିଥିରେ ଶ୍ରାଦ୍ଧ କରିବା ଉଚିତ୍ ।



ଆଶ୍ୱିନମାସ କୃଷ୍ଣପକ୍ଷ

ପ୍ରତିପଦାଠାରୁ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃପକ୍ଷ ବା ଅପରପକ୍ଷ କୁହାଯାଏ। ଅର୍ଥାତ୍ ୮/୯/୨୦୨୫ ସୋମବାରରୁ ଅପର ପକ୍ଷାରମ୍ଭଃ ହୋଇଛି। ଯାହା ୨୧/୯/୨୦୨୫ ରବିବାର ପର୍ଯ୍ୟନ୍ତ ଭୋଗହେବ । ମାସର ପ୍ରଥମ ପ୍ରତିପଦ ତିଥିରୁ ହିଁ ଶ୍ରାଦ୍ଧଦାନ ଆରମ୍ଭ ହୁଏ । ତେବେ ଭାଦ୍ରବ ପୂର୍ଣ୍ଣିମାରେ ବି ଶ୍ରାଦ୍ଧଦାନ କରାଯାଇପାରିବ । ପରିବାରର ସେହି ସଦସ୍ୟ ଯିଏ ପୂର୍ଣ୍ଣିମାରେ ପରଲୋକ ଗମନ କରିଥାନ୍ତି ତାଙ୍କ ଲାଗି ଏହି ଦିନ ଶ୍ରାଦ୍ଧ ଦିଆଯାଇପାରିବ। ଯଦି କୌଣସି କାରଣରୁ ପୂର୍ଣ୍ଣିମାରେ ଶ୍ରାଦ୍ଧଦାନ କରି ନ ହେଲା ତେବେ ପିତୃମୋକ୍ଷ ଅମାବାସ୍ୟାରେ ଶ୍ରାଦ୍ଧଦାନ କରାଯାଇପାରେ। ପିତୃପୁରୁଷମାନେ ଯେଉଁ ତିଥିରେ ପରଲୋକ ଗମନ କରିଥାନ୍ତି ଏହି ଅପରପକ୍ଷ ସମୟରେ ସେହି ତିଥିରେ ହିଁ ତାଙ୍କ ଉତ୍ତର ପୁରୁଷ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିବା ଉଚିତ । ଯେଉଁମାନେ ପିତୃପୁରୁଷଙ୍କ ପରଲୋକ ଗମନ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟାରେ ଶ୍ରାଦ୍ଧ ପ୍ରଦାନ କରିବା ଉଚିତ ।







**ଅମାବାସ୍ୟା** -- ଯିଏ ଯତ୍ନପୂର୍ବକ ପବିତ୍ର ହୋଇ ଅମାବାସ୍ୟାରେ ଶ୍ରାଦ୍ଧ ଦିଅନ୍ତି, ସେ ଅକ୍ଷୟ ସ୍ୱର୍ଗ ତଥା ସମସ୍ତ କାମନାକୁ ପ୍ରାପ୍ତ କରିଥାଆନ୍ତି । ଏତତ୍ ବ୍ୟତୀତ ସତେଇଶ ନକ୍ଷତ୍ରମାନଙ୍କରେ ଶ୍ରାଦ୍ଧ କରାଯିବା ଫଳଲାଭ ବିଷୟରେ କିଛି ଏଠାରେ ଉପସ୍ଥାପିତ ।

**ଅଶ୍ୱିନୀ** -- ଘୋଟକ ପ୍ରାପ୍ତ
**ଦ୍ୱିଜା** -- ଉତ୍ତମ ଆୟୁ
**କୃତ୍ତିକା** -- ସ୍ୱର୍ଗଲୋକ ପ୍ରାପ୍ତି
**ରୋହିଣୀ** -- ସନ୍ତାନ ପ୍ରାପ୍ତି
**ମୃଗଶିରା** -- ତେଜସ୍ୱୀ
**ଆର୍ଦ୍ରା** -- ଶୌର୍ଯ୍ୟ
**ପୁନର୍ବସୁ** -- ସ୍ତ୍ରୀ ପ୍ରାପ୍ତି
**ପୁଷ୍ୟା** -- ଅକ୍ଷୟ ଧନପ୍ରାପ୍ତ
**ଅଶ୍ଳେଷା** -- ଉତ୍ତମ ଆୟୁ
**ମଘା** -- ସନ୍ତାନ ତଥା ପୁଷ୍ଟି
**ପୂର୍ବାଫାଲ୍ଗୁନୀ** -- ସନ୍ତାନବାନ୍ ତଥା ଶ୍ରେଷ୍ଠ
**ଉତ୍ତରା ଫାଲ୍ଗୁନୀ** -- ବେଦପ୍ରାପ୍ତ
**ହସ୍ତା** -- ଶାସ୍ତ୍ରଜ୍ଞାନ
**ଚିତ୍ରା** -- ରୂପ, ତେଜ ତଥା ସନ୍ତତି ପ୍ରାପ୍ତ
**ସ୍ୱାତୀ** -- ବ୍ୟାପାର ଲାଭ
**ବିଶାଖା** -- ପୁତ୍ରଲାଭ
**ଅନୁରାଧା** -- ଚକ୍ରବର୍ତ୍ତୀ ପଦପ୍ରାପ୍ତ
**ଜ୍ୟେଷ୍ଠା** -- ପ୍ରଭୁତ୍ୱ ପ୍ରାପ୍ତି
**ମୂଳା** -- ଉତ୍ତମ ଆରୋଗ୍ୟ

**ପୂର୍ବାଷାଢା** -- ଯଶପ୍ରାପ୍ତି
**ଉତ୍ତରାଷାଢା** -- ଶୋକ ଦୂର ହୁଏ
**ଶ୍ରବଣା** -- ଶୁଭଲୋକ ପ୍ରାପ୍ତ
**ଧନିଷ୍ଠା** -- ଅଧିକ ଧନପ୍ରାପ୍ତ
**ଶତଭିଷା** -- ବୈଦ୍ୟ କାର୍ଯ୍ୟରେ ସିଦ୍ଧିପ୍ରାପ୍ତ
**ପୂର୍ବାଭାଦ୍ର**-- ଛେଳି, ମେଣ୍ଢା ଆଦି ପଶୁ ପ୍ରାପ୍ତ
**ଉତ୍ତରଭାଦ୍ର**-- ଗୋଧନ ପ୍ରାପ୍ତି
**ରେବତୀ** -- ଦସ୍ତା ଆଦି ଧାତୁ ପଦାର୍ଥ ପ୍ରାପ୍ତ

ଏହିସବୁ ନକ୍ଷତ୍ରରେ ଶ୍ରାଦ୍ଧ କଲେ ଉପରୋକ୍ତ ଫଳ ପ୍ରାପ୍ତ ହୋଇଥାଏ କିନ୍ତୁ ମଘା ନକ୍ଷତ୍ରରେ ମଧୁମିଶ୍ରିତ କ୍ଷୀର ଅର୍ପଣ କରିବା ପିତୃପୁରୁଷଙ୍କ ଅହୋଭାଗ୍ୟ ଅଟେ । ଏଥିରେ ପିତୃପୁରୁଷଙ୍କ ଆଶା ନିଜ କୁଳର ସନ୍ତାନମାନଙ୍କ ଉପରେ ରହିଥାଏ ଏହି ସମୟ ଭିତରେ ମଧ ଯଦି କେହି କରିପାରିବେ ନାହିଁ ତେବେ ସୂର୍ଯ୍ୟ ବିଛା ରାଶିରେ ଥିବା ସମୟରେ ମଧ କରିପାରିବେ, କାରଣ ଯମରାଜାଙ୍କ ଯମପୁରୀ ସେତେ ସମୟ ପର୍ଯ୍ୟନ୍ତ ଖାଲି ରହିଥାଏ । ବିଛା ରାଶି ବିତିଯିବା ପରେ ମଧ ଯଦି କେହି କୌଣସି ଶ୍ରାଦ୍ଧ କରିନଥାଏ, ତେବେ ଦେବଗଣଙ୍କ ସହିତ ପିତୃଗଣ ସେହି ମନୁଷ୍ୟକୁ ଦୁଃସହ ଅଭିଶାପ ପ୍ରଦାନ କରି ଦୀର୍ଘଶ୍ୱାସ ନେଇ ନିଜ ପୁରକୁ ଫେରି ଯାଇଥାନ୍ତି। ପୁଷ୍କର ଆଦି ତୀର୍ଥ, ପବିତ୍ର ମନ୍ଦିର, ପର୍ବତଶିଖର, ପାବନ ପ୍ରଦେଶ, ପୁଣ୍ୟସଲିଳା ନଦୀ, ନଦ, ସରୋବର, ସଙ୍ଗମ, ସପ୍ତସମୁଦ୍ରର ତଟ, ଲିପାପୋଛା ହୋଇଥିବା ସ୍ୱଗୃହ, ଦିବ୍ୟ ବୃକ୍ଷର ମୂଳରେ, ଯଜ୍ଞକୁଣ୍ଡ -- ଏହି ସବୁ ସ୍ଥାନ ଶ୍ରାଦ୍ଧ ନିମନ୍ତେ ଉତ୍ତମ ସ୍ଥାନ ଅଟେ ।

-ଦେବବ୍ରତ ଦାଶ,କଟକ

## ପବିତ୍ର ମନରେ କରନ୍ତୁ ଆରାଧନା



ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ସକାଳେ ସ୍ନାନ କରି ସାରିବା ପରେ ଏମିତି କିଛି ବିଶେଷ କାମ ରହିଛି; ଯାହାକୁ କରିବା ଦ୍ୱାରା ଘରେ ସୁଖଶାନ୍ତି ବଢ଼ିବା ସହ ଧନ ମଧ୍ୟ ବୃଦ୍ଧି ହୋଇଥାଏ। ଯେମିତିକି: ପ୍ରତିଦିନ ସ୍ନାନ କରି ସାରିବା ପରେ ସୂର୍ଯ୍ୟ ନମସ୍କାର କରି ନିଜର ଇଷ୍ଟଦେବଙ୍କୁ ପବିତ୍ର ମନରେ ଆରାଧନା କଲେ ମନକୁ ଶାନ୍ତି ମିଳିବା ସହ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ତା'ପରେ ତୁଳସୀ ଚଉଁରାରେ ଜଳ ଦେଇ ମୁଣ୍ଡିଆ ମାରିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି। ଏସବୁ କାର୍ଯ୍ୟ ପରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି। ଅନ୍ୟପକ୍ଷେ ସ୍ନାନ ପରେ ହଳଦୀ ପାଣି ବି ଘରସାରା ଛିଞ୍ଚିଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି କୁହାଯାଏ। ସେହିପରି ସ୍ନାନ ପରେ ଘରେ ଲୁଣପାଣି ବି ଛିଞ୍ଚିଲେ ଘରୁ ନକାରାତ୍ମକ ଉର୍ଜା ନଷ୍ଟ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ସ୍ନାନ ପରେ ଘରେ ଯେଉଁ ରୋଷେଇ କରାଯାଏ, ସେଥିରୁ କିଛି ଗାଈଙ୍କୁ ଖାଇବାକୁ ଦେଲେ ଶୁଭ ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି କରିବାରେ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି।

## ଧୈର୍ଯ୍ୟ ଓ ଏକାଗ୍ରତାର ଶେଷ ସଫଳତା

*ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।*



ସନ୍ଥଙ୍କ କୁଟୀରରେ ଜଣେ ବ୍ୟବସାୟୀ ପହଞ୍ଚିଲେ । ତାଙ୍କ ବ୍ୟବସାୟରେ କ୍ରମାଗତ କ୍ଷତି ହେଉଥିଲା । କ୍ଷତିର କାରଣ ଜାଣିବା ଏବଂ ସନ୍ଥଙ୍କ ଠାରୁ କିଛି ପରାମର୍ଶ ନେଇ ପୁଣି ନୂଆ ବ୍ୟବସାୟ ଆରମ୍ଭ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସନ୍ଥଙ୍କୁ ମୁଣ୍ଡିଆ ମାରି ବ୍ୟବସାୟୀ କହିଲେ- ଘରେ ମୋ'ର ବୁଢ଼ା ବାପା, ରୋଗିଣୀ ସ୍ତ୍ରୀ ଓ ପୁଅଟିଏ । ବ୍ୟବସାୟରୁ କିଛି ମିଳୁନି, କ୍ଷତି ବଢ଼ିଚାଲିଛି । ସମସ୍ତଙ୍କ ପେଟକୁ ଦାନା ଆଉ ପିଠିକୁ କନା ଯୋଗାଇବାକୁ ମୁଁ ଅକ୍ଷମ । କୃପା କରି କିଛି ଉପାୟ ବତାନ୍ତୁ; ନଚେତ୍ ମୋ' ସଂସାର ଭାସିଯିବ । ସନ୍ଥ ବ୍ୟବସାୟୀଙ୍କୁ ସାନ୍ତ୍ୱନାଦେଇ ତାଙ୍କ ବ୍ୟବସାୟ କହିଲେ- ଗଲା ବର୍ଷେ ହେଲା ତିନି ଚାରି ପ୍ରକାରର ବେପାର କଲେଣି । ଭଲ ଲାଭ ମିଳୁ ନ ଥିବାରୁ ବାରମ୍ବାର ବ୍ୟବସାୟ ବଦଳାଇବାକୁ ପଡୁଛି । ତଥାପି କିଛି ଲାଭ ହେଉନାହିଁ । ଏବେ ମୁଁ ଋଣୀ ସନ୍ଥ କହିଲେ- ଏହାର ସମାଧାନ ଅତି ସହଜ । ମନ ଦେଇ ମୋ' କଥା ଶୁଣ । ଜଣେ ଚାଷୀ ଖେତ ମଝିରେ କୂଅଟିଏ ଖୋଳିବା ଆରମ୍ଭ କଲେ । କିଛି ଫୁଟ୍ ଖୋଳିବା ପରେ ପାଣି ବାହାରିଲା ନାହିଁ । ନିରୁତ୍ସାହିତ ହୋଇ ଅନ୍ୟତ୍ର ଖୋଳିଲେ । ସେଠାରେ ମଧ୍ୟ ଅବସ୍ଥା ତଦ୍ରୂପ । ଦୁଇ,ତିନି ଜାଗାରେ ଖୋଳି ନୟାନ୍ତ ହେଲେ। ଏଥର କୂଅ ଖୋଳିବା ଦାୟିତ୍ୱ ନେଲେ ଚାଷୀଙ୍କ ପତ୍ନୀ । ଗୋଟିଏ ସ୍ଥାନରେ ଗଭୀରରୁ ବହୁ ଗଭୀର ପର୍ଯ୍ୟନ୍ତ ଖୋଳାଇଲେ । ଦୁଇ, ଦିନ ମଧ୍ୟରେ ପାଣି ବାହାରିଲା । ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।

## ଭଗବାନ ଶ୍ରୀକୃଷ୍ଣଙ୍କ ମହାନ ଗୁଣ



ଧରାପୃଷ୍ଠରେ ବିଭିନ୍ନ ସ୍ୱରୂପରେ ଜନ୍ମ ନେଇଥିବା ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାର ଯେତେ ବ୍ୟାଖ୍ୟା କଲେ ମଧ ସରିବ ନାହିଁ । ଜଗତର କଲ୍ୟାଣ ପାଇଁ ନାରାୟଣ ବହୁ ଅବତାର ନେଇଥିଲେ ହେଁ ତାଙ୍କର ଦଶାବତାର ମଧରୁ ପ୍ରତ୍ୟେକଟି ଅବତାରରେ ସେ ନିଜ ମହାନତାର ଏକାଧିକ ଉଦାହରଣ ଛାଡ଼ି ଯାଇଛନ୍ତି । ଜଗତର ପାଳନକର୍ତ୍ତା ତଥା ତ୍ରିଦେବଙ୍କ ମଧରୁ ଜଣେ ହୋଇଥିଲେ ମଧ ଦ୍ୱାପର ଯୁଗରେ ସେ ଅର୍ଜୁନଙ୍କ ରଥର ସାରଥୀ ସାଜିଥିଲେ । ତାଙ୍କର ଦିଗ୍‌ଦର୍ଶନ ବଳରେ ମହାଭାରତ ଯୁଦ୍ଧରେ ଧର୍ମର ଜୟ ହୋଇଥିଲା । ଥରେ ପାଣ୍ଡବମାନେ ରାଜସୂୟ ଯଜ୍ଞର ଆୟୋଜନ କରିଥିଲେ । ଯଜ୍ଞ ଆୟୋଜନରେ ସମସ୍ତେ ନିଜ ନିଜର ଅବଦାନ ଦେଇଥିଲେ । ହେଲେ ଶ୍ରୀକୃଷ୍ଣଙ୍କୁ କେହି କିଛି ଦାୟିତ୍ୱ ଦେଉନଥିଲେ । ଶ୍ରୀକୃଷ୍ଣ କିଛି କାମ କରିବାକୁ ଚାହିଁବାରୁ ପାଣ୍ଡବମାନେ ତାଙ୍କୁ ବାରଣ କରିଥିଲେ । ହେଲେ ଶ୍ରୀକୃଷ୍ଣ ବାଧ କରିବାରୁ ନିଜ ଇଚ୍ଛା ଅନୁଯାୟୀ କାମ କରିବାକୁ ଯୁଧିଷ୍ଠିର ତାଙ୍କୁ କହିଲେ । ପରେ ଶ୍ରୀକୃଷ୍ଣ ଅତିଥିମାନଙ୍କ ପାଦ ଧୋଇଦେବା ସହ ଅଇଁଠା ପତ୍ର ଉଠାଇବା କାର୍ଯ୍ୟ କରିଥିଲେ । ଶ୍ରୀକୃଷ୍ଣଙ୍କ ମହାନତା ଦେଖି ପାଣ୍ଡବଙ୍କ ସମେତ ଅନ୍ୟ ସମସ୍ତେ ଚକିତ ହୋଇଯାଇଥିଲେ । ସମସ୍ତଙ୍କ ମସ୍ତକ ନାରାୟଣଙ୍କ ଭକ୍ତିରେ ସ୍ୱତଃ ନଇଁ ଆସିଥିଲା ।

## ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ବରଦାନ 'ଗୁଜୁରାତି'

ଗୁଜୁରାତିର ବିଭିନ୍ନ ପ୍ରକାର ଖାଦ୍ୟ ଓ ମିଠା ପ୍ରସ୍ତୁତିରେ ବ୍ୟବହାର କରାଯାଏ । ପୂର୍ବରୁ ଲୋକେ ପ୍ରାୟତଃ ଏହାର ଅଧିକ ସେବନ କରୁଥିଲେ । ଏହା ଗରମ ମସଲାର ଏକ ମୁଖ୍ୟ ଅଂଶ । ଏହାର ସ୍ୱାସ୍ଥ୍ୟ ଉପକାରୀ ଅନେକ ଗୁଣ ରହିଥିବା ବେଳେ ଏକ ଅଧ୍ୟୟନ ଅନୁଯାୟୀ, ଗୁଜୁରାତିରେ ଉଚ୍ଚ ରକ୍ତଚାପ କମ୍ କରିବାର କ୍ଷମତା ରହିଛି । ଏହାସହ ଗୁଜୁରାତି କର୍କଟ ଭଳି ମାରାତ୍ମକ ରୋଗ ସହ ଲଢେଇ କରିବାରେ ସକ୍ଷମ ହେବା ସହ ଏହାକୁ ଶରୀର ଠାରୁ ଦୂରେଇ ରଖିବାରେ ସହାୟକ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁଯାୟୀ, ଗୁଜୁରାତିରେ ଭିଟାମିନ୍, ଭିଟାମିନ ସି, ମିନେରାଲ୍ସ, କ୍ୟାଲସିୟମ, ପୋଟାସିୟମ ଓ ମେଗ୍ନେସିୟମ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି । ଏହାସହ ଗୁଜୁରାତିରେ ଆଣ୍ଟି-ଅକ୍ସିଡାଣ୍ଟ ଥିବା ସହ ପେଟକୁ ସୁସ୍ଥ ରଖିଥାଏ । ଗୁଜୁରାତିର ଗୁଣକୁ ପରଖିବା ପାଇଁ କେତେକ ଅଧ୍ୟୟନ କରାଯାଇଛି । ଏହି ଅଧ୍ୟୟନ ଉଚ୍ଚ ରକ୍ତଚାପ ରୋଗୀଙ୍କ କ୍ଷେତ୍ରରେ କରାଯାଇଛି । ଏହି ରୋଗୀଙ୍କୁ ୧୨ ସପ୍ତାହ ଯାଏଁ ଗୁଜୁରାତି ସେବନ କରିବାକୁ କୁହାଯାଇଥିଲା । ଏହାପରେ ସେମାନଙ୍କ ରକ୍ତଚାପ ମପାଯାଇଥିଲା । ଯାହା ସାଧାରଣସ୍ତରରେ ରହିଥିବା ଦେଖାଯାଇଥିଲା । ଅଧ୍ୟୟନ ଅନୁଯାୟୀ, ଗୁଜୁରାତିରେ ଅତ୍ୟଧିକ ଆଣ୍ଟି-ଅକ୍ସିଡାଣ୍ଟ ଥିବା କାରଣୁ ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ବେଶ ସହାୟକ ହୋଇଥାଏ । ଗୁଜୁରାତି ପାଣିର ନିୟମିତ ସେବନ କରିବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ସଠିକ ଭାବେ କାର୍ଯ୍ୟ କରିଥାଏ । ମଜଭୁତ ମଧ ହୋଇଥାଏ । କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ ଦୂର କରିଥାଏ । ଏହା ଓଜନ ହ୍ରାସ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଗୁଜୁରାତି ଶରୀରରେ ଜମାଟ ବାନ୍ଧୁଥିବା ଅତ୍ୟଧିକ ଚର୍ବିକୁ ନିର୍ଗତ କରିଥାଏ । ଏହାସହ କୋଲେଷ୍ଟେରୋଲ୍ ସ୍ତରକୁ ମଧ ଖୁବ କମ୍ କରିଥାଏ । ରକ୍ତ ଜମାଟ ବାନ୍ଧିବାକୁ ଦେଇନଥାଏ ।



ପୁସ୍ତକ ସମୀକ୍ଷା

## -ଏକ ଶହ ଭାରାକ୍ରାନ୍ତ ଜହ୍ନରାତି-

କବି ସୃଷ୍ଟି କରିବାର ବେଦନା ଭିତରେ କଳ୍ପନା, ବ୍ୟଞ୍ଜନା, ଭାବପୂର୍ଣ୍ଣ ପରିପ୍ରକାଶ କରିବାକୁ ଲକ୍ଷ୍ୟ ରଖିଥାନ୍ତି। ସେତେବେଳେ ସାଧାରଣ ମନେ ହେଉଥିବା ଜହ୍ନରାତି ବହୁ ଅନୁଭୂତି,ଅଭିଜ୍ଞତା ଓ ସ୍ୱପ୍ନ ଦେଖିବାର ପ୍ରବଣତା ସେହି ଜହ୍ନରାତିକୁ ଭିନ୍ନ ରୂପ ଦେଇଥାଏ, ଯାହା କବି ରବିପ୍ରିୟ ଦାଶଙ୍କ 'ଏକ ଶହ ଭାରାକ୍ରାନ୍ତ ଜହ୍ନରାତି' ଭିତରେ ପ୍ରତିଫଳିତ। ସେତେବେଳେ ଜହ୍ନରାତିର ଦୃଶ୍ୟ ହୁଏ ଏଭଳି: କେବେ କେବେ, ଝାପ୍‌ସା ମୁହଁ ଦେଖାଗଲେ, କାନିରେ ଘୋଡ଼େଇ, ଦେଉଛି ବାଦଲ, ପାଣି ଭିତରରେ ଛାଇ ଉଭାନ ହେଲେ, ଖପ୍‌ଖାପ ଡେଉଁଛନ୍ତି ମାଛ-ଏସବୁର ଅବତାରଣା ଯେ ଜୀବନକୁ ଖୋଜିବାର ବାଟ। ଜହ୍ନର ପ୍ରଥମ ପ୍ରହର ଆଲୁଅ ବି ଯଥେଷ୍ଟ ତାହା କେବଳ ଅନୁଭବିପାରିଲେ ହେଲା। ସେଥିପାଇଁ ଠାଏ ରହିଛି- ଜହ୍ନର କାନରେ, ପ୍ରେମ ପାଇଁ ଛଟପଟ, ରତିମନା ନୀଳକଇଁ ,କହୁଥିଲା , ଏବେ ତ ପାହିବ ରାତି, ରମଣ ପାଇଁ, ସମୟ ବି ନାହିଁ ବରଂ, ମୋ ପାଇଁ ପ୍ରଥମ ପ୍ରହରର , ମୁଠାଏ ଆଲୁଅ ଯଥେଷ୍ଟ ଥିଲା। ଜହ୍ନରାତିର ସ୍ୱପ୍ନ ଆନମନା କରେ ତେଣୁ କବିଙ୍କ ସ୍ପଷ୍ଟ ସ୍ୱୀକାରୋକ୍ତି- ଜହ୍ନଛୁଆଁ ରାତି,ଅନବରତ ଡୋଳାରେ , ପହଁରେ, ଉଙ୍ଗାରେ କାତମାରି ,କୂଳରେ ପହଞ୍ଚେ, ଘାସ ବଗିଚାରେ ,ରଙ୍ଗବେରଙ୍ଗର , ଗଦାଗଦା ସ୍ୱପ୍ନ ଫୁଟାଏ। କବିଙ୍କ ଶହେଟିଯାକ କବିତାରେ ଏଭଳି ନିଜକୁ ଖୋଜିବାପଣ ଓ ବିସ୍ତୃତ ହେବାର ଥମ୍‌ଥମ୍ ଭାବ କବିତାପ୍ରେମୀଙ୍କୁ ନିଶ୍ଚୟ ଆକର୍ଷିତ କରିବ। ଦୂରଭାଷ: ୯୪୩୭୧୮୬୦୫୨। ୩୨୦ ପୃଷ୍ଠା,ମୂଲ୍ୟ : ତିନିଶହ ଟଙ୍କା।



## ଡାକ ବିଭାଗର କର୍ମଶାଳା

ଭାପୁର,(ନିପ୍ର): ଭାପୁର ବ୍ଲକ ମୁଖ୍ୟ ଡାକ ବିଭାଗ ଅଧୀନରେ ଅବସ୍ଥିତ ଶାଳପଡ଼ା ପଞ୍ଚାୟତ ଡାକ ବିଭାଗର ପୋଷ୍ଟମାଷ୍ଟର ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜହରକୋଟ ନିକଟସ୍ଥ ରାମମନ୍ଦିର ପ୍ରାଙ୍ଗଣରେ ଡାକ ବିଭାଗୀୟ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଡାକ ବିଭାଗ ସଂକ୍ରାନ୍ତୀୟ ସୁକନ୍ୟା ଯୋଜନା, ଜୀବନ ବୀମା ଯୋଜନା, ସେଭିଙ୍ଗସ, ରେକରିଂ ଡିପୋଜିଟ ଆଦି ବିଷୟରେ ଉପସ୍ଥିତ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମୁଖ୍ୟ ଅତିଥି ରୂପେ ନୟାଗଡ ପୋଷ୍ଟାଲ ସୁପରିଟେଡେଣ୍ଟ ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ସଚେତନ କରିଥିଲେ । କାର୍ଯ୍ୟକ୍ରମରେ, ଜିଲ୍ଲା ଗ୍ରାମୀଣ ଡାକ ଜୀବନ ବୀମା ବିଭାଗର ଡେଭଲପମେଣ୍ଟ ଅଫିସର ଦାଶରଥି ପରିଡ଼ା ଓ କଳ୍ପତରୁ ରାଉତ,ଭାପୁର ମୁଖ୍ୟ ଡାକଘର ଏବଂ ୧୬ ଗୋଟି ଉପ ଡାକଘରର କର୍ମଚାରୀମାନେ ଯୋଗଦେଇ ନିଜର ମତାମତ ରଖିଥିଲେ ।

## ଚାରିଛକ ଡାକ୍ତରଖାନା କାର୍ଯ୍ୟାଳୟ ଛାତରୁ ଖସିଲା ପ୍ଲାଷ୍ଟର, ଅଳ୍ପକେ ବର୍ତ୍ତିଲେ କର୍ମଚାରୀ

ଚାରିଛକ,(ନିପ୍ର): ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରଟି ପୁରୀ ଜିଲ୍ଲାର ବହୁ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ଅଟେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଫିସ ଗୃହଟି ପ୍ରାୟ ୪୫ବର୍ଷ ପୁରୁଣା ହୋଇଥିବା ବେଳେ ଏହାର ଘର ଗୁଡିକ ବିପଦ ସଂକୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ଗତକାଲି ସନ୍ଧ୍ୟାରେ କର୍ମଚାରୀମାନେ କାର୍ଯ୍ୟାଳୟ ବନ୍ଦକରି ବାହାରକୁ ଆସିବା ସମୟରେ ଛାତରୁ ଏକ ପ୍ଲାଷ୍ଟର ଅତଡା ଖସିପଡିବାରୁ ଜୋରରେ ଶବ୍ଦ ହୋଇଥିଲା । ସେହି ସମୟରେ କର୍ମଚାରୀମାନେ କାର୍ଯ୍ୟାଳୟ ବାହାରେ ଥିବାରୁ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ଥିବା ଛାତ ତଳେ ବସି କାର୍ଯ୍ୟକରିବା ପାଇଁ କର୍ମଚାରୀମାନେ ଭୟ କରୁଛନ୍ତି । ଏହି ଅସୁରକ୍ଷିତ କାର୍ଯ୍ୟାଳୟକୁ ତୁରନ୍ତ ମରାମତି କରିବା ସହିତ ଏକ ସୁରକ୍ଷୀତ ଗୃହକୁ କାର୍ଯ୍ୟାଳୟ ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହେଉଛି । ସେହିପରି ଡାକ୍ତରଖାନାର ନୂତନ ୱାର୍ଡକୁ ଛାଡି ଅନ୍ୟ ବିଭାଗ ଗୁଡିକୁ ବିପଦ ସଂକୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି ।

## ୧୩୨ ୟୁନିଟ ରକ୍ତ ସଂଗ୍ରହ

ଦାମନଯୋଡି,(ନିପ୍ର): ଶିଳ୍ପାଞ୍ଚଳ ନାଲକୋ ଉଦ୍ୟୋଗରେ କାର୍ଯ୍ୟରତ ଭାରତୀୟ ମଜଦୁର ସଂଘ ସହ ସହବନ୍ଧିତ ଶ୍ରମିକ ସଂଗଠନ ନାଲକୋ ମଜଦୁର ସଂଘ ପକ୍ଷରୁ ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରିବା ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଓଡ଼ିଶା ରେଡ୍ କ୍ରସ ଓ ରେଡ୍ ରିବନ ସଂଘର ସଂଯୋଜକ ଡଃ ନରେଶ ସାହୁଙ୍କ ତତ୍ତ୍ୱାବଧାନରେ କୋରାପୁଟ ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଦଳ ରକ୍ତ ସଂଗ୍ରହ କରିଥିଲେ ।

## ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ବେଲଗୁଣ୍ଠା,(ନିପ୍ର): ଗଞ୍ଜାମ ଜିଲ୍ଲାପାଳଙ୍କ ଅଭିନବ ପ୍ରୟାସରେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲାର ସମସ୍ତ ପଞ୍ଚାୟତକୁ ପ୍ରଶାସନିକ ଅଧିକାରୀମାନେ ଯାଇ ସେମାନଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି । ଏହି ପ୍ରରିପ୍ରେକ୍ଷୀରେ ଆଜି ବେଲଗୁଣ୍ଠା ବ୍ଲକ୍ ପାଇଲିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୧୫୦ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।

## ଏସ୍ଆରଏଫ କମ୍ପାନୀର ଭୂମିପୂଜା

ଛତ୍ରପୁର,(ନିପ୍ର): ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଛତ୍ରପୁର ଉପକଣ୍ଠରେ ଥିବା ଟାଟା ଷ୍ଟିଲ ସ୍ପେଶାଲ ଇକୋ ନୋମିକ ଜୋନ ଲିମିଟେଡ଼ ଗୋପାଳପୁର ଶିଳ୍ପ ପାର୍କରେ ଏସଆରଏଫ ଲିମିଟେଡ୍ ନାମକ କମ୍ପାନୀର ଭୂମି ପୂଜାର ଶୁଭାରମ୍ଭ କରିଛନ୍ତି । ଏସଆରଏଫ ନାମକ କମ୍ପାନୀ ବିଶେଷ ଭାବେ କ୍ୟାମିକାଲ ସେକ୍ଟରର ଏକ ବୃହତ୍ତମ କମ୍ପାନୀ, ଏହି କମ୍ପାନୀ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶରେ ଗୋପାଳପୁର ଶିଳ୍ପ ପାର୍କରେ ୩୦୦ ଏକର ଜମିରେ ଏହାର ପ୍ରସ୍ତାବିତ ରାସାୟନିକ ଏବଂ ସ୍ୱତନ୍ତ୍ର ରାସାୟନିକ ୟୁନିଟ୍ ସ୍ଥାପନ କରିବ । ଏହା ଦ୍ୱାରା ପାଖାପାଖି ଜିଲ୍ଲା ଏବଂ ଆଖପାଖ ଅଂଚଳର ୧୮ ହଜାରରୁ ଅଧିକା ଲୋକଙ୍କ ନିମନ୍ତେ ନିଯୁକ୍ତି ସମ୍ଭାବନା ରହିବ । ଏସଆରଏଫ କମ୍ପାନୀ ଅଂଚଳରେ ସାମାଜିକ, ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବାରେ ସହଯୋଗ କରିବ । ଗୋପାଳପୁର ଶିଳ୍ପ ପାର୍କରେ ୧୪ ତମ ଶିଳ୍ପ ହେବ । ଗୋପାଳପୁର ଶିଳ୍ପ ପାର୍କ ଆବଶ୍ୟକ ଭିତ୍ତିଭୂମି ସୁବିଧା ଓ ଶିଳ୍ପ ପାଇଁ ଏକ ଅନୁକୂଳ ପରିବେଶ ସହିତ ଦେଶର ସର୍ବୋତ୍ତମ ଶିଳ୍ପ ପାର୍କ ମଧ୍ୟରୁ ଗୋଟିଏ ହେବାକୁ ଯାଉଛି ।

## ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଣ୍ଡାରିପୋଖରୀ ବ୍ଲକ ଅଧୀନସ୍ଥ ନରେଡ଼ା ଗ୍ରାମ ପଞ୍ଚାୟତ ତଥା ଆଖୁଆପଦା ଛକ ହରପାର୍ବତୀ ଅନୁଷ୍ଠାନ ସଭାଗୃହରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ପାଇଁ ସଚେତନଶୀଳ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଓ ମୌଳିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ।

## ଦଧିବାମନଜୀଉଙ୍କ ଜମି ହଡ଼ପ ଅଭିଯୋଗ, ଅଞ୍ଚଳବାସୀଙ୍କ ଆମରଣ ଅନଶନ

ଡେରାବିଶ,(ନିପ୍ର): ଡେରାବିଶର ଆରାଧ ଶ୍ରୀ ଦଧିବାମନଜୀଉଙ୍କ ଜମି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ଜମି ଫେରି ପାଇବା ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ଡେରାବିଶ ତହସିଲ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ ହୋଇଛି ।

ସୂଚନାରୁ ପ୍ରକାଶ ଯେ ଡେରାବିଶ ହାଟ ଛକ ଠାରେ ଦଧିବାମନଜୀଉ ମନ୍ଦିର ଟ୍ରଷ୍ଟର ଏକ ଶାଖା କାର୍ଯ୍ୟାଳୟ ଗୃହ ଥିଲା । ତା ୧୦.୮.୨୫ ରିଖରେ ଦୁମୁକା ଗ୍ରାମର ଜନୈକ ଓ ତାଙ୍କ ସହଯୋଗୀମାନେ ଉକ୍ତ ଘରର ତାଲା ଭାଙ୍ଗି ଉକ୍ତ ଘରୁ ଜିନିଷପତ୍ର ଲୁଟ୍ କରିଥିବା ନେଇ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ସାହୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ଏ ସମ୍ପର୍କରେ ଡେରାବିଶ ଥାନାରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା । ଏପରିକି ଉକ୍ତ ମନ୍ଦିର ଜମିକୁ କିଛି ଜମି ମାଫିଆ ଚଞ୍ଚକତା କରି ନିଜ ନାମରେ ପଟ୍ଟା ହାତେଇ ଥିବା ବେଳେ ପ୍ରତିବାଦ ସ୍ୱରୂପ କେନ୍ଦ୍ରାପଡ଼ା ସିଭିଲ କୋର୍ଟରେ ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ।

ତେବେ ଏହି ଜମି କିଣାବିକା ମାମଲାରେ ଡେରାବିଶ ତହସିଲଦାରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରାଯିବା ସହିତ ଡେରାବିଶ ଥାନା ଅଧିକାରୀଙ୍କ କାର୍ଯ୍ୟକ୍ରମ ବିରୁଦ୍ଧରେ ଅଞ୍ଚଳବାସୀ ସ୍ୱର ଉତ୍ତୋଳନ କରିଛନ୍ତି । ପ୍ରତିବାଦ ସ୍ୱରୂପ ଅଞ୍ଚଳବାସୀଙ୍କ ପକ୍ଷରୁ ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ ହୋଇଛି । ନାରାୟଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅକ୍ଷୟ କୁମାର ମହାନ୍ତି, ସଞ୍ଜୟ କୁମାର ସାହୁ,ବିଶ୍ୱମୋହନ ଦାସ, ସରୋଜକାନ୍ତ ମାହାଳି, ବିପିନ ବିହାରୀ ସାହୁ, ଅନନ୍ତ ଭୂୟାଁ, ବନମାଳୀ ଦୁବେ, ହରେକୃଷ୍ଣ ବାରିକ, ଗୁଣନିଧି କାଣ୍ଡି, ଦୁଃଖିଶ୍ୟାମ ପଣ୍ଡା ଓ କରୁଣାକର କର ପ୍ରମୁଖ ଏହି ଆମରଣରେ ସାମିଲ ହୋଇଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିଥିବା ବେଳେ ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ଓ ତେଜେଶ୍ୱର ପରିଡ଼ା ଘଟଣା ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଛନ୍ତି । ଅନଶନ କାରୀମାନେ ଡେରାବିଶ ତହସିଲଦାର ଓ ଡେରାବିଶ ଥାନା ଅଧିକାରିଣୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅପରପକ୍ଷରେ ଡେରାବିଶ ତହସିଲଦାରଙ୍କୁ ପଚାରିବାରୁ ସେ କୌଣସି ଭୁଲ କାମ କରି ନଥିବା କହିଛନ୍ତି । ୧୯୮୫ ମସିହା ସେଟେଲମେଣ୍ଟରେ ଭୀମ ଓଝା ନାମରେ ଉକ୍ତ ସ୍ଥାନର ପଟ୍ଟା ବାହାରିଥିଲା । ୧୯୯୯ ମସିହାରେ ଉକ୍ତ ଜାଗାକୁ ଭୀମ ଓଝା ନିଶା ବିବି ନାମ୍ନୀ ଜଣେ ମହିଳାଙ୍କୁ ବିକ୍ରୟ କରିଥିଲେ । ଉକ୍ତ ସ୍ଥାନରେ ନିଶା ବିବି ଘର ନିର୍ମାଣ ଆରମ୍ଭ କରିଥିବା ବେଳେ ତାଙ୍କୁ ଘର କରାଇ ନ ଦେବାରୁ ସେ ଅଗଷ୍ଟ ୨୦୨୫ ମସିହାରେ ଜଣେ ହିନ୍ଦୁ ଲୋକଙ୍କୁ ବିକ୍ରୟ କରିଥିଲେ । ସେ ସମୟରେ ସମ୍ପୃକ୍ତ ମହିଳା ଉପଯୁକ୍ତ ଦଲିଲ ଉପସ୍ଥାପନ କରିବା ପରେ ଜମି ବିକ୍ରୟ କାଗଜାତ ପ୍ରସ୍ତୁତ ହୋଇଥିଲା ।

ଅଭିଯୋଗ ପାଇ ପ୍ରଥମେ ୧୫ ଦିନିଆ ନୋଟିସ ଓ ପରେ ୭ ଦିନିଆ ନୋଟିସ ମାଧ୍ୟମରେ ଅପରପକ୍ଷଙ୍କୁ କାଗଜାତ ଦାଖଲ ପାଇଁ କୁହାଯାଇଥିଲେ ମଧ୍ୟ ସେ କୌଣସି କାଗଜାତ ଦେଇନପାରିବାରୁ ଏହି ଜାଗାଟି ଆଇନ ଅନୁଯାୟୀ କିଣାବିକା ହୋଇଛି । ଏଥିରେ କୌଣସି ଚଞ୍ଚକତା ହୋଇ ନ ଥିବା ତହସିଲଦାର କହିଛନ୍ତି ।

## ୧୮ରୁ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଗୁରୁ ଗର୍ଜନ

ଚାରିଛକ,(ନିପ୍ର): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ପୁରୀ ଜିଲ୍ଲା ଶାଖା ତରଫରୁ ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ସରକାରୀ ଅନୁଦାନ ପରିସରଭୁକ୍ତ ହେବା ପାଇଁ ଅଗଷ୍ଟ ୧୬ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ୨୦୦୮ ପରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଛନ୍ତି । ଅଧ୍ୟାପକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ସମଗ୍ର ରାଜ୍ୟରେ ପାଠପଢା ଏବଂ ପ୍ରଶାସନିକ କାର୍ଯ୍ୟ ବ୍ୟାହତ ହୋଇଛି । ସମାନ କାମକୁ ସମାନ ଦରମା ନୀତି ଥାଇ ସୁଦ୍ଧା ଦୀର୍ଘ ୧୭ ବର୍ଷ ହେଲା ବିନା ସରକାରୀ ଅନୁଦାନରେ କାର୍ଯ୍ୟ କରିବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ସୂଚନାଯୋଗ୍ୟ ବେସରକାରୀ ମହାବିଦ୍ୟାଳୟମାନଙ୍କରେ ୨୦୦୮ ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ କର୍ମଚାରୀମାନେ ଅଦ୍ୟାବଧି ସରକାରୀ ଅନୁଦାନ ପରିସରଭୁକ୍ତ ହୋଇନାହାନ୍ତି । ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦୀର୍ଘ ୬ ବର୍ଷ ହେଲା ବିଭିନ୍ନ ସ୍ତରରେ ଆନ୍ଦୋଳନ କରିଆସୁଛନ୍ତି । ଦଶ ହଜାର ଅଭିଯୋଗପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ଦେଢ଼ ଲକ୍ଷ ଦସ୍ତଖତ ପତ୍ର, ୪୯୭ ଦିନ ଅହୋରାତ୍ର ଗାନ୍ଧୀ ମାର୍ଗରେ ଧାରଣା, ୩୦ ରୁ ଊର୍ଦ୍ଧ୍ୱ ମହାସମାବେଶ, ୧୨୦ ବିଧାୟକଙ୍କ ଅନୁମୋଦନ ପତ୍ର, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୧୨ଥର ଅଭିଯୋଗ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ

## ଗଣମାଧ୍ୟମର ଭାଷା ଓ ଲିଖନଶୈଳୀ ଉପରେ ଆଲୋଚନା

ବ୍ରହ୍ମପୁର,(ନିପ୍ର): ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ନିଯୁକ୍ତିଭିତ୍ତିକ କର୍ମଶାଳା ସମାଜର ଗତି, ଭିତ୍ତି ଓ ସ୍ଥିତିକୁ ନେଇ ତର୍ଜମା କରୁଥିବା ବୃତ୍ତି ହେଉଛି ସାମ୍ବାଦିକତା । ଏହିଭଳି ଏକ ଉନ୍ନତମାନର ଚିନ୍ତାଧାରା ନେଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଭାଗ ହେଉଛି ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ । ଏହି ବିଭାଗରେ ସଂପ୍ରତି ଏକ କର୍ମ ନିଯୁକ୍ତିଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି ।ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଲେଖକ ଚନ୍ଦ୍ରକାନ୍ତ ପଣ୍ଡା 'ଗଣମାଧ୍ୟମର ଭାଷା ଓ ଲିଖନ ଶୈଳୀ' ଉପରେ ବିଶଦ ଆଲୋଚନା କରିଥିଲେ ।ଏହି କର୍ମଶାଳା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ସ୍ନାନକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତଥା ବିଭାଗୀୟ ମୁଖ୍ୟା ଡ.ବନ୍ଦିତା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । କର୍ମଶାଳାକୁ ବିଭାଗୀୟ ସହ ଅଧ୍ୟାପିକା ଡ.ଚିନୁ ବହିଦାର ପରିଚାଳନା କରିବା ସହିତ ବିଭାଗୀୟ ପ୍ରାଧ୍ୟାପକ ପ୍ରଫେସର ଗଣେଶ ସେଠୀ,ସହଯୋଗୀ ଅଧ୍ୟାପକ ଡ.ଜୟନ୍ତ କୁମାର ପଣ୍ଡା,ସହ ଅଧ୍ୟାପିକା ଡ. ନେହା ପାଣ୍ଡେ,ସହ ଅଧ୍ୟାପକ ଅଗ୍ନି କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।ଏହି କର୍ମଶାଳାରେ ଓଡ଼ିଆ ଭାଷାର ବ୍ୟବହାର,ଗଣମାଧ୍ୟମର ଭାଷା ଓ ଲିଖନଶୈଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଦିନିକିଆ କର୍ମଶାଳାରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଗୋ-ସୁରକ୍ଷା ସମିତି ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ

ନିମାପଡ଼ା,(ନିପ୍ର): ନିମାପଡ଼ା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମରେ ବୁଲା ଷଣ୍ଢ, ଗୋରୁଗାଈଙ୍କ ଦ୍ୱାରା ହଜାର ହଜାର ଏକର ଧାନ ଫସଲ, ପରିବା ଫସଲ ନଷ୍ଟ ହୋଇ ଆସୁଥିଲେ ହେଁ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିବାରୁ ସୋମବାର ଶହ ଶହ ଜନସାଧାରଣ ତହସିଲ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନିମାପଡ଼ା-ଅଠାନ୍ତର ରାସ୍ତା, ନିମାପଡ଼ା-ବାମନାଳ ରାସ୍ତା, ନିମାପଡ଼ା-ଗୋପ ରାସ୍ତା, ନିମାପଡ଼ା-ପିପିଲି ରାସ୍ତାର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କ ପ୍ରାର୍ଦୁଭାବ ଯୋଗୁ ଅନେକ ଦୁର୍ଘଟଣା ଘଟି ଥିବାର ଦୃଷ୍ଟାନ୍ତ ଥିବା ଆନ୍ଦୋଳନକାରୀମାନେ ସୂଚନା ଦେଇ ପ୍ରତିକାର ନିମନ୍ତେ ଦାବି କରିଥିଲେ । ଗତ ୨ ମାସ ତଳେ ଜନୈକ ଯୁବକ ଷଣ୍ଢ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ଲକ୍ ଗୋ-ସୁରକ୍ଷା ସମିତି ସଭାପତି ମାଧବ ମଲ୍ଲିକ ଅଭିଯୋଗ କରିଥିଲେ । ଦୁଇଶହରୁ ଊର୍ଦ୍ଧ୍ୱ ଗୋରୁଗାଈଙ୍କୁ ଆଣି ଡ଼ିହବାରୀ ଛକରେ ରାସ୍ତାରୋକ ଆନ୍ଦୋଳନ କରିବା ସହିତ ଗାଈଗୋରୁଙ୍କୁ ନେଇ ତହସିଲ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗତ ଅଗଷ୍ଟ ମାସରେ ବୁଲାଷଣ୍ଢଙ୍କ ସଂପର୍କରେ ପ୍ରଶାସନକୁ ଜଣାଇଥିଲେ ହେଁ ପ୍ରଶାସନ ପଦକ୍ଷେପ ଗ୍ରହଣ ନ କରିବାରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା ବୋଲି ସମିତି ସଂପାଦକ ପ୍ରଦୀପ୍ତ ମୁଖୀ, ଆବାହକ ବିଶ୍ୱରଂଜନ ଭୋଇ, ଯୁବନେତା ମିଥୁନ ଭୋଇ ପ୍ରମୁଖ ସୂଚନା ଦେଇଥିଲେ । ତହସିଲଦାର ମନୋଜ ପ୍ରଧାନ ଦାବିପତ୍ର ଗ୍ରହଣ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ

**ଚାରିଛକ,(ନିପ୍ର):** ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନର ଶଭାରମ୍ଭ କରିଛନ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନକୁ ସାରା ଦେଶ ପାଳନ କରୁଛି । ଏହି ଅବସରରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଃ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସୁସ୍ଥନାରୀ ସଶକ୍ତ ପରିବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୁରୀ ଜିଲ୍ଲା ଅତରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ (ଟି.ବି) ଡା.ଲଲାଟେନ୍ଦୁ ମିଶ୍ର ନିମାପଡା ବ୍ଲକ ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ସ୍ଥାନୀୟ ସରପଂଚ ଚାରୁଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଆହ୍ବାନକ୍ରମେ ଆଜିର ସମାଜରେ ସମସ୍ତ ମହିଳାମାନେ କିପରି ସୁସ୍ଥ ରହିବେ ସେ ନେଇ ସାରା ଦେଶରେ ଆଜିଠାରୁ ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନର ଶଭାରମ୍ଭ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କାୟାକଳ୍ପ ଯୋଜନରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପୁରୀ ଜିଲ୍ଲାରେ ୨୦୨୪-୨୦୨୫ ମସିହାରେ ପ୍ରଥମ ହୋଇଥିବା ବେଳେ ରାଜ୍ୟରେ ୧୫ତମ ସ୍ଥାନ ପାଇଛି । ଏହି ଅବସରରେ କାୟାକଳ୍ପ ଯୋଜନା ତରଫରୁ ୨୦୨୪-୨୫ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମହେଶ କୁମାର ମହାପାତ୍ର,ଡା.ଅଭିନନ୍ଦନ ମହାପାତ୍ର, ଡା.ସରୋଜାଲକ୍ଷ୍ମୀ ଦାଶ, ଡା.ଶୁଭଶ୍ରୀ ମହାପାତ୍ର,ଆରକେଏସ ସଦସ୍ୟ ଦୁର୍ଯ୍ୟୋଧନ ମହାନ୍ତି,କୃଷ୍ଣଚନ୍ଦ୍ର ସ୍ୱାଇଁ,ଜ୍ୟୋତି ରଂଜନ ପାତ୍ର,ଚାରୁଲତା ବେହେରା, ସୁମିତ୍ରା ସ୍ୱାଇଁ ଓ ଦିଲ୍ଲିପ କୁମାର ମହାନ୍ତିଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାପ୍ ନର୍ସ,ସଫେଇ କର୍ମଚାରୀ,ସିକ୍ୟୁରିଟଗାର୍ଡ ଓ ସମସ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୃକ୍ଷରୋପଣ କରାଯିବା ସହିତ ୩ ଜଣ ଟି.ବି ଆକ୍ରାନ୍ତ ରୋଗୀଙ୍କୁ ମାସକର ରାସନ ସାମଗ୍ରୀ ପ୍ରଦାନ କରାଯାଇଛି । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସାଂସଦଙ୍କ ଗୋପ ବ୍ଲକ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ,ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ,ପୂର୍ବତନ ସରପଂଚ ଭଗବାନ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭକ୍ତବନ୍ଧୁ ବିଶ୍ୱାଳ,ପ୍ରଶାନ୍ତ କୁମାର ବେହେରା,ବରିଷ୍ଠକର୍ମୀ ଦୁର୍ଯ୍ୟୋଧନ ମହାନ୍ତି, ବ୍ରଜମୋହନ ଦାସ,ବ୍ରଜବନ୍ଧୁ ନାୟକ,କୈଳାସ ଚନ୍ଦ୍ର କର,ଜ୍ୟୋତି ରଂଜନ ପାତ୍ର,ବିଜୟ ବେହେରାଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତଥିଲେ ।

**ଭାପୁର,(ନିପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୁଧବାର ଜନ୍ମଦିନ ଉପଲକ୍ଷେ ରାଜ୍ୟରେ 'ସ୍ୱାସ୍ଥ୍ୟ ନାରୀ,ସ୍ୱାସ୍ଥ୍ୟ ପରିବେଶ' କାର୍ଯ୍ୟକ୍ରମ ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାପୁର ବ୍ଲକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଭାପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି । ଆସନ୍ତା ୨୧ ତାରିଖ ଆନୁଷ୍ଠାନିକ ଭାବରେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଭାପୁର ବ୍ଲକ ସମସ୍ତ ମହିଳାଙ୍କର ଡିଜିଟାଲ ଡାଟାବେସ ତିଆରି ହେବ । ପରିପ୍ରେକ୍ଷୀରେ, ଭାପୁର ବ୍ଲକରେ ଅବସ୍ଥିତ ୩ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୮ ଗୋଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଏହି ସ୍କ୍ରିନଂ କ୍ୟାମ୍ପ ନିର୍ଦ୍ଧାରିତ ହୋଇଛି । କର୍ମଚାରୀଙ୍କ ସ୍କ୍ରିନଙ୍ଗ ତଥ୍ୟକୁ ନେଇ ସରକାର ଡାଟାବେସ୍ ତିଆରି କରିବେ । ମହିଳାଙ୍କ କ୍ୟାନ୍ସର, ଋତୁସ୍ରାବ ସମସ୍ୟା ଓ ଅପପୁଷ୍ଟି ସ୍ଥିତି ନେଇ ଯାଞ୍ଚ ହେବ ବୋଲି ଭାପୁର ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

**ପୁରୀ :** ପୁରୀ ଜିଲ୍ଲାରେ ସୁସ୍ଥ ନାରୀ ସୁସ୍ଥ ପରିବାର ଅଭିଯାନ ଚଳିତ ମାସ ୧୭ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ଏଥିପାଇଁ ବିବିଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।ଏହି ସମୟ ମଧ୍ୟରେ ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟ ସହ ସମସ୍ତ ସିଏଚସି, ପିଏଚସି ଓ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଯୋଜନା ଶିବିର ଆୟୋଜନ କରାଯିବ । ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ ଡିଏଚଏଚ,ସମସ୍ତ ସିଏଚସି, ପିଏଚସି ଓ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯିବା ସହ ସରକାରଙ୍କ ଧାର୍ଯ୍ୟ ପ୍ରୋଟୋକଲ ବା ମାର୍ଗଦର୍ଶିକା ଆଧାରରେ ଏହାକୁ ଅନୁପାଳନ ପାଇଁ ଡା ଶତପଥୀ ପରାମର୍ଶ ଦେଇଛନ୍ତି ।

## ଜମି ହଡ଼ପ ଅଭିଯୋଗ ମାମଲା: ଅନଶନ ପ୍ରତ୍ୟାହୃତ



ଡେରାବିଶ(ନିପ୍ର): ଡେରାବିଶର ଆରାଧ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ଜମି ହଡ଼ପ କରାଯାଇଥିବା ଅଭିଯୋଗ ନେଇ ଚାଲିଥିବା ଅନଶନ ପ୍ରତ୍ୟାହୃତ ହୋଇଛି । ଡେରାବିଶ ହାଟ ଛକଠାରେ ଥିବା ଦଧିବାମନ ଜୀଉଙ୍କର ଏକ ଜାଗାକୁ ଚଞ୍ଚକତା କରାଯାଇ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା । ଏପରିକି ତା ୧୦.୮.୨୫ ରିଖରେ ସ୍ଥାନୀୟ ପଣ୍ଡିତ ପାଟଣା ଗ୍ରାମର ଜନୈକ ବ୍ୟକ୍ତି ଓ ତାର ସହଯୋଗୀମାନେ ଉକ୍ତ ସ୍ଥାନରେ ଥିବା ଦଧିବାମନ ଜୀଉଙ୍କ ଶାଖା କାର୍ଯ୍ୟାଳୟର ତାଲା ଭାଙ୍ଗି ଉକ୍ତ ଘରୁ ଜିନିଷପତ୍ର ଲୁଟ୍ କରିଥିବା ନେଇ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ସାହୁଙ୍କ ପକ୍ଷରୁ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଏଥିସହିତ ଠାକୁରଙ୍କ ସମ୍ପତ୍ତିକୁ ଉଦ୍ଧାର କରିବା ପାଇଁ ମଧ୍ୟ ଜିଲ୍ଲାପାଳଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମାତ୍ର ତାଲା ଭାଙ୍ଗି ଜିନିଷ ଲୁଟ୍ ମାମଲାରେ ଡେରାବିଶ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଓ ଚଞ୍ଚକତା ପୂର୍ବକ ଠାକୁର ସମ୍ପତ୍ତି ବିକ୍ରୟରେ ଡେରାବିଶ ତହସିଲଦାରଙ୍କ ଭୂମିକାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଥିଲେ । ତେବେ ପୂର୍ବ ସୂଚନା ଅନୁସାରେ ସୋମବାର ପୂର୍ବାହ୍ନରେ ଟ୍ରଷ୍ଟି ନାରାୟଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅଞ୍ଚଳର କିଛି ଜନସାଧାରଣ ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଥିଲେ । ଡେରାବିଶ ତହସିଲଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ଡେରାବିଶ ଥାନା ଅଧିକାରିଣୀଙ୍କ ସମେତ କେତେକ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିକରି ଜନସାଧାରଣ ଅନଶନରେ ବସି ରହିଥିଲେ । ରାତି ପ୍ରାୟ ୧୦ଟା ସମୟରେ କେନ୍ଦ୍ରାପଡ଼ା ଏଡିଏମ୍ ରବିନ୍ଦ୍ର ମଲିକ,ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡା, ତହସିଲଦାର ସରୋଜକାନ୍ତ ନାୟକ ଓ ବିଜେପି ନେତା ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳୀ ସେଠୀ ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ । ଧାରଣାକାରୀଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

## ଏସଏଚଜି ଲକ୍ଷାଧିକ ଟଙ୍କା ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଥାନାରେ ଦ୍ୱାରସ୍ଥ ହେଲେ ଗୋଷ୍ଠୀର ମହିଳା ସଦସ୍ୟା




ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ମହାଲକ୍ଷ୍ମୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀଙ୍କ ଦ୍ୱାରା ଆର୍ଥିକ ଅନିୟମିତତା ନେଇ ଗୋଷ୍ଠୀର ସମ୍ପାଦିକାଙ୍କ ସହ ଅନ୍ୟ ସଦସ୍ୟାମାନେ ମଙ୍ଗଳବାର ପୂର୍ବାହ୍ନରେ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ମହାଲକ୍ଷ୍ମୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଋଣ ଅର୍ଥର ମାସିକିଆ ପରିଶୋଧ ଅର୍ଥକୁ ସମସ୍ତ ମହିଳା ବିଶ୍ୱାସରେ ସଭାନେତ୍ରୀଙ୍କୁ ହସ୍ତାନ୍ତର କରିଥାନ୍ତି । ହେଲେ ଋଣ ସୁଝିବା ନେଇ ସଦସ୍ୟାମାନେ ସଭାନେତ୍ରୀଙ୍କୁ ଦେଉଥିବା ଅର୍ଥକୁ ବ୍ୟାଙ୍କରେ ଉକ୍ତ ଟଙ୍କା ପୈଠ ନକରିବା, ମାସିକିଆ କିସ୍ତି ଅର୍ଥକୁ ନଦେଇ ଗୋଷ୍ଠୀ ନାମରେ ଥିବା ସେଭିଂ ଆକାଉଣ୍ଟରୁ ବିନା ଅନୁମତିରେ ଉଠାଣକରି ଋଣ ସୁଝିବା, ସଭାନେତ୍ରୀ ଜଣଙ୍କ ସମ୍ପାଦିକାଙ୍କ ଜାଲ ଦରଖସ୍ତ କରି ବ୍ୟାଙ୍କରୁ ଟଙ୍କା ଉଠାଣ କରିବା, ରିଜୋଲୋସନ ଖାତାରେ ବ୍ଲାଙ୍କ୍ ଦସ୍ତଖତ କରିବା ସହ ଟଙ୍କା ଉଠାଣ ସମୟରେ ସଦସ୍ୟାମାନଙ୍କୁ ନଜଣାଇବା, ଚେକ୍ ବହିରେ ସମ୍ପାଦିକାଙ୍କ ଜାଲ ଦସ୍ତଖତ କରି ଟଙ୍କା ଉଠାଣ ଆଦି କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି । ଏପରିକି ଗତ ୨୨/୧୧/୨୪ ତାରିଖରେ ଏକ ଲକ୍ଷ ଋଣ ଉଠାଣ କରିବା ପରିବର୍ତ୍ତେ ଦୁଇ ଲକ୍ଷ ଋଣ ଉଠାଣ କରି ସଦସ୍ୟା ମାନଙ୍କୁ ଏକ ଲକ୍ଷ ଟଙ୍କା ଋଣ ଉଠାଣ କରାଯାଇଛି ବୋଲି କହି ଅବଶିଷ୍ଟ ଏକ ଲକ୍ଷ ଟଙ୍କା ସଭାନେତ୍ରୀ ହଡ଼ପ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ସେହିପରି ଏହି ଟଙ୍କା ସମ୍ବନ୍ଧରେ ସଭାନେତ୍ରୀଙ୍କୁ ପଚାରିବାରୁ ଓଲଟା ସଦସ୍ୟାମାନଙ୍କୁ ଗାଳିଗୁଲଜ କରନ୍ତି ବୋଲି କହିଛନ୍ତି । ଉକ୍ତ ସଭାନେତ୍ରୀ ମାଳସାହି ଆଞ୍ଚଳିକ ମଞ୍ଚର ସିଆରପି ମଧ୍ୟ ଅଛନ୍ତି । ଯଦି ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଉଠାଣ ଓ ପୈଠ ସମୟରେ ସରକାରୀ ନିୟମକୁ ସଠିକ ଭାବେ ପାଳନ କରିଥାନ୍ତେ ତେବେ ଗୋଷ୍ଠୀର ଏପରି ଆର୍ଥିକ ହେରଫେର ସହ ଅନ୍ୟାନ୍ୟ ସମସ୍ୟା ହୋଇନଥାନ୍ତା ବୋଲି ସଦସ୍ୟାମାନେ କହିଥିଲେ । ପୂର୍ବରୁ ଏହି ଆର୍ଥିକ ହେରଫେର କୁ ନେଇ ବ୍ଲକ ର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ନେଇ ମଧ୍ୟ କହିଥିଲେ ।

## ମୌଳିକ ସୁବିଧାରୁ ବଞ୍ଚିତ ଆସିକା ମୁଖ୍ୟ ଡାକଘର ଉପଭୋକ୍ତା

### ଏଟିଏମ୍ ମେସିନ ଅଚଳ, ଗ୍ରାହକ ହନ୍ତସନ୍ତ

ଆସିକା (ନିପ୍ର): ଆସିକା ମୁଖ୍ୟ ଡାକଘରର ଦିବ୍ୟାଙ୍ଗମାନଙ୍କ ପାଇଁ ନିର୍ମିତ ଶୌଚାଳୟ ବର୍ତ୍ତମାନ ପାଲଟିଛି କାଗଜବସ୍ତାଳୟ । ପ୍ରକାଶ ଥାଉକି ଆସିକା ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ବର୍ତ୍ତମାନ କରଚୁଲି, ଜଗନ୍ନାଥପ୍ରସାଦ, ଅସୁରବନ୍ଧ, ଆଠଗଡ଼ପଟଣା, ଦୁର୍ଗାପ୍ରସାଦ, କଂଚୁରୁ ଆଦି ଅଞ୍ଚଳର ୪୫ଟି ଉପ ଡାକଘର ଓ ୨୮୬ଟି ଶାଖା ଡାକଘରକୁ ନେଇ ଚାଲୁଛି । ଏହି ଡାକ ଘରକୁ ପ୍ରତିଦିନ ପ୍ରାୟ ୧ ହଜାରରୁ ଅଧିକ ମହିଳା,ପୁରୁଷ,ବୟସ୍କ,ଦିବ୍ୟାଙ୍ଗ ଡାକଘରେ ଟଙ୍କା ଜମା, ଟଙ୍କା ଉଠାଣ, ଟ୍ରେନ ଟିକେଟ ବୁକିଂ, ଆଧାରକାର୍ଡ ସଂଶୋଧନ, ଆଧାରକାର୍ଡ଼ ନୂତନ ପଞ୍ଜିକରଣ, ପାସପୋର୍ଟ ପଞ୍ଜିକରଣ ସହିତ ଯାବତୀୟ କାର୍ଯ୍ୟ କରିବାକୁ ଆସି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ନଜର ରହିଛି । ପ୍ରକାଶ ଥାଉକି ଏଠାରେ ଗତ କିଛି ବର୍ଷ ପୂର୍ବେ ପ୍ରାୟ ୩ଲକ୍ଷ ଟଙ୍କାରେ ମୁଖ୍ୟ ଡାକଘର ଭିତର ବାମ ପାର୍ଶ୍ୱର ନିର୍ମାଣ ହୋଇଥିବା ଗୋଟିଏ ଶୌଚାଳୟ ବର୍ତ୍ତମାନ ଡାକଘରର ଅନାବଶ୍ୟକ କାଗଜ ଓ ବର୍ଜ୍ୟବସ୍ତୁରେ ପୂର୍ଣ୍ଣ ହୋଇଛି । ଯାହାଦ୍ୱାରା ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମହିଳା,ପୁରୁଷ,ବୟସ୍କ,ଦିବ୍ୟାଙ୍ଗ ଶୌଚାଳୟ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।ଏହି ସମ୍ପର୍କରେ ଅଭିଯୋଗ କଲେ କୌଣସି ସୁଫଳତ ମିଳୁନି ବରଂ ନାନା ପ୍ରକାରର ଶୋଷଣର ଶିକାର ହେଉଥିବାର ମଧ୍ୟ ନଜିର ରହିଛି । ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ଅଞ୍ଚଳର ହୋଇଥିବା ଯୋଗୁଁ ଉକ୍ତ କର୍ମଚାରୀ ଗ୍ରହକଙ୍କୁ ଦୁର୍ବ୍ୟବହାର କରୁଥିବାର ମଧ୍ୟ ଅଭିଯୋଗ ହେଉଛି । ଯେପରିକି ଲିଙ୍କ ଫେଲୁଅର କହି ଦୀର୍ଘ ସମୟ ଅଯଥାରେ ଅପେକ୍ଷା କରିବାକୁ କହିବା, ଅଯଥାରେ ଗପିବା ଏହିପରି ନାନା ଅସୁବିଧାର ସମ୍ମୁଖୀନ କରାଉଥିବାର ନଜିର ରହିଛି । ପ୍ରକାଶ



ଥାଉକି କିଛି ବର୍ଷ ତଳେ ଦିବ୍ୟାଙ୍ଗ ମାନଙ୍କ ସକାଶେ ଡାକ ଘର ମୁଖ୍ୟ ଫାଟକରୁ ଡାକ ଘର ଭିତରକୁ ଟାଇଲ ବିଛାଯାଇଥିଲା ଯାହା ରକ୍ଷଣା ବେକ୍ଷଣ ଅଭାବରୁ ଭାଙ୍ଗି ରୁଜି ଗଲାଣି । ଯାହାଦ୍ୱାରା ଡାକ ଘରକୁ ଆସୁଥିବା ଗ୍ରାହକ ଉକ୍ତ ଟାଇଲରେ ଝୁଣ୍ଟି ଆହତ ହେଉଛନ୍ତି । ଏହି ଡାକ ଘରକୁ ଲାଗି ଏକ ଡାକ ଏଟିଏମ କାଉଣ୍ଟର ସ୍ଥାପିତ ହୋଇଥିଲା । କିନ୍ତୁ ତାହା ସ୍ଥାପିତ ହେବା କିଛିଦିନଠାରୁ ଅଚଳ ହୋଇପଡିଛି । ଯାହାଫଳରେ ଶହଶହ ଜମାକାରୀ ଛୁଟିଦିନ ହେଉ କି ଅନ୍ୟ ସମୟରେ ଟଙ୍କା ଉଠାଣରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହିସବୁ ସମସ୍ୟା ଯୋଗୁଁ ଡାକ ଗ୍ରାହକ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି ।

ତିଥି : (ଦ୍ୱାଦଶୀ) : (ପୁଷ୍ୟା କର୍କଟ)
ଅମୃତବେଳା: ଦିବା ଘ୫।୩୮ ଗତେ ଘ ୭।୭ ମଧ୍ୟେ

## ଆଜିର ଅନୁଚିନ୍ତନ

ଭବିଷ୍ୟତ ଏପରି ହେବ,ହୁଏତ ସବୁଜିମା ବଜାୟ ରହିବ ଅବା ସବୁଜିମାହୀନ ହେବ। -ବବ୍ ବ୍ରାଉନ

# ବିଧିବଦ୍ଧ ରଣନୀତି ଆବଶ୍ୟକ

ବିଭିନ୍ନ ସମୟରେ ନିଶା ସାମଗ୍ରୀ ଜବତ ଘଟଣା ଦେଶରେ ସାଧାରଣ ହୋଇଗଲାଣି। ବହୁ ଶିକ୍ଷାନୁଷ୍ଠାନ ଯୁବକଯୁବତୀମାନେ ଡ୍ରଗ୍ସ କବଳିତ ହେଉଛନ୍ତି। ଆମ ରାଜ୍ୟରେ ଗଂଜେଇ ଚୋରାଚାଲାଣବେଳେ କୁଇଣ୍ଟାଲ କୁଇଣ୍ଟାଲ ପରିମାଣର ଯାଞ୍ଚବେଳେ ଧରାପଡୁଥିବା ଖବର ଆସୁଛି। ବିମାନବନ୍ଦରରୁ ଜବତ ହେଉଛି ମାରିଜୁଆନା। ଗୁଜରାଟ ଉପକୂଳରେ ନିଶା ସାମଗ୍ରୀ ଚୋରାଚାଲାଣର ପେଣ୍ଠ ହୋଇଥିବା କାହାରିକୁ ଅଛପା ନାହିଁ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନ ଦେଖାଯିବାବେଳେ ନିଶାସକ୍ତ ଯୁବପିଢ଼ି ସମାଜ ପାଇଁ ବାଧକ ନିଶ୍ଚୟ। ଥରେ ନିଶା କବଳିତ ହେଲେ ଏଥିରୁ ମୁକ୍ତି ପାଇବା କଷ୍ଟକର ହୋଇପଡୁଛି। ସୁତରାଂ ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର କରିବାକୁ ହେଲେ ଯୁବପିଢ଼ିରୁ ଯେଉଁମାନେ ପଥଭ୍ରଷ୍ଟ ସେମାନଙ୍କୁ ନିଶାଠାରୁ ମୁକ୍ତ ନ କଲେ ହେବନାହିଁ। ସାଧାରଣ ଭାବରେ ଲକ୍ଷ୍ୟ କରାଯାଏ ନିଶାଦ୍ରବ୍ୟର ଖୁଚୁରା ବ୍ୟବସାୟରେ ଜଡ଼ିତ ଲୋକଙ୍କୁ ଧରିଦେଲେ ଏବଂ ନିଶାଦ୍ରବ୍ୟ କାରବାର କିଛି ହ୍ରାସ କରିଦେଲେ ଲକ୍ଷ୍ୟ ପୂରଣ ହେବନାହିଁ। ସାଧାରଣତଃ ଏହାର ମୂଳଉତ୍ସକୁ ଅନୁଧ୍ୟାନ କଲେ ତିନି ପ୍ରକାର କାର୍ଟେଲ ସାମ୍ନାକୁ ଆସେ। ତାହା ଯଥାକ୍ରମେ ଏହିଭଳି: ଯେଉଁମାନେ ଦେଶର ପ୍ରବେଶ ପଏଣ୍ଟରେ ରହି ନିଶାସାମଗ୍ରୀ ଆମଦାନି କାର୍ଯ୍ୟ କରୁଛନ୍ତି ସେମାନେ ପ୍ରଥମ ପର୍ଯ୍ୟାୟର। ଦ୍ୱିତୀୟରେ ଯେଉଁମାନେ ସେହି ପ୍ରବେଶ ପଏଣ୍ଟରୁ ବିଭିନ୍ନ ରାଜ୍ୟ ଓ ନେଟୱର୍କକୁ ନିଶାଦ୍ରବ୍ୟମାନ ଚାଲାଣ କରୁଛନ୍ତି। ଶେଷ ପର୍ଯ୍ୟାୟଟି ହେଉଛି ସେମାନଙ୍କ ଠାରୁ କିଣି ରାସ୍ତା ବା ଗଳିକନ୍ଦିରେ ଯେଉଁମାନେ ବିକ୍ରୟ କରୁଛନ୍ତି। ପୁଣି ଏକ ବର୍ଗ ଅଛନ୍ତି ଯେଉଁମାନେ ଅନ୍‌ଲାଇନରେ ବିଦେଶରୁ ଡ୍ରଗ୍ସ ମଗାଉଛନ୍ତି। ଏବଂ ନିଜ ଅଞ୍ଚଳରେ ଏହାର ପରିପ୍ରସାର କରୁଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିକଟରେ ଆରମ୍ଭ କରିଥିବା ନିଶାମୁକ୍ତ ଭାରତ ଅଭିଯାନରେ ୩୭୨ ଜିଲ୍ଲାକୁ ସାମିଲ କରିଛନ୍ତି। ଅଭିଯାନରେ ଅନ୍ତର୍ଭୁକ୍ତ ଅଛନ୍ତି ୧୦କୋଟି ଲୋକ ଓ ପ୍ରାୟ ତିନି ଲକ୍ଷ ଶିକ୍ଷାନୁଷ୍ଠାନ। ସମସ୍ତ ନିଶା ଚାଲାଣକାରୀଙ୍କୁ ଭାରତୀୟ ଆଇନ ପରିସରଭୁକ୍ତ କରିବା ସହ ଦେଶକୁ ନିଶା ନିବାରଣ କରିବାକୁ ପ୍ରୟାସରେ କେନ୍ଦ୍ର, ରାଜ୍ୟ ଓ ସମାଜ ସମଭାବରେ ଅଗ୍ରସର ହେବା ଲୋଡ଼ା । ତାହା ନ ହେଲେ ସଫଳତା ମିଳିବା ମୁସ୍କିଲ।

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଏକ ରେକର୍ଡ ଅନୁଯାୟୀ କେବଳ ୨୦୨୪ରେ ଆମ ଦେଶରେ ଜବତ କରାଯାଇଥିବା ନିଶାକାର୍ଯ୍ୟର ପରିମାଣ ୧୩ହଜାର କୁଇଣ୍ଟାଲରୁ ଅଧିକ । ସେଥିରୁ ଗଂଜେଇ ଓ ହାସିସ୍ ଆଦି ୪୧ପ୍ରତିଶତ ହୋଇଥିବାବେଳେ ୩୯ ପ୍ରତିଶତ ହେଉଛି ହିରୋଇନ, ମରଫିନ୍, ପପିଷ୍ଟ୍ର ପ୍ରଭୃତି। କୋକେନର ପରିମାଣ ପ୍ରାୟ ୨ପ୍ରତିଶତ। ପାକିସ୍ତାନ ସୀମା ଦେଇ ପଂଜାବ, ରାଜସ୍ଥାନ, ଜାମ୍ମୁକାଶ୍ମୀରକୁ ପାରମ୍ପରିକ ରାସ୍ତା ଦେଇ ନିଶା ମାଫିଆମାନେ ଏବେ ବି ପଠାଇବା ଜାରି ରଖିଛନ୍ତି। ମେଥାଫେଟାମାଇନ ଓ ଅନ୍ୟ ନିଶା ସାମଗ୍ରୀ ମିଆଁମାର୍ ଦେଇ ଭାରତକୁ ଆସୁଛି। ସେହିଭଳି ସିନ୍ଥେଟିକ୍ ଡ୍ରଗ୍ସ ଆସୁଛି ମୁମ୍ବାଇ, ଗୁଜରାଟ, କେରଳ, ତାମିଲନାଡୁ ଉପକୂଳ ବାଟ ଦେଇ । ଆରବସାଗର ଓ ବଙ୍ଗୋପସାଗର ଦେଇ ଏସବୁ ନିଶା ସାମଗ୍ରୀର କାରବାର ଅଧିକ ହେଉଥିବା ଗଣମାଧ୍ୟମରେ ବହୁ ସମୟରେ ଚର୍ଚ୍ଚିତ ହୋଇଆସିଛି। ତେବେ ଏସବୁ ମଧ୍ୟରେ ଅଧିକ କାରବାର ହେଉଛି ସିନ୍ଥେଟିକ୍ସ ଡ୍ରଗସ୍। ୨୦୧୯ରୁ ୨୦୨୪ ସୁଦ୍ଧା ଏହି ନିଶା କାରବାର ୬ଗୁଣକୁ ବୃଦ୍ଧି ପାଉଛି। ଏହାର ଅର୍ଥ ଯୁବପିଢି ଏହି ନିଶା ସାମଗ୍ରୀକୁ ଅଧିକ ପସନ୍ଦ କରି ତାହା ଜାଲରେ ପଡୁଛନ୍ତି। ନିଶାରୁ ମୁକ୍ତ ହେବା ନେଇ ପ୍ରୟାସ ସବୁ ସ୍ତରରେ ହେବା ଆବଶ୍ୟକ। ମୁଖ୍ୟତଃ ତିନୋଟି ଦିଗକୁ ଗୁରୁତ୍ୱ ଦେବାକୁ ହେବ। ତାହା ହେଉଛି ଗୁଇନ୍ଦା ଆଧାରିତ ଏନ୍‌ଫୋର୍ସମେଣ୍ଟ, ଅନ୍ତର୍ଜାତୀୟ ସହଯୋଗ ଓ ବ୍ୟାପକ ଚାହିଦା ହ୍ରାସ ରଣନୀତି । ଏସବୁ ପାଇଁ ବିଧିବଦ୍ଧ ଭାବରେ ରଣନୀତି ରାଜ୍ୟ ସରକାରମାନେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନାପୂର୍ବକ ପ୍ରସ୍ତୁତ କରିବା ଦରକାର। ସମ୍ମିଳିତ ପ୍ରୟାସ ବିନା ସଫଳତା ଏ କ୍ଷେତ୍ରରେ ଆଶା କରିହେବନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନାଗରିକ ସମାଜକୁ ଏ ପ୍ରୟାସରେ ଯୋଡ଼ିଲେ ନିଶାମୁକ୍ତି ଆନ୍ଦୋଳନ ଅଧିକ ମଜଭୁତ ହୋଇପାରିବ।

# ଟ୍ରମ୍ପଙ୍କ ଦୋମୁହାଁ ନୀତି

## ସୌଭାଗ୍ୟ ରଂଜନ ମହାନ୍ତି

ଭାରତ ସହ ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖିବାର କିଛି ସପ୍ତାହ ପରେ ପୁଣି ଥରେ ଆମେରିକା ଆଲୋଚନା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଏବଂ ଭାରତୀୟ ଟିମ୍‌କୁ ୱାଂଶିଟନକୁ ଆମନ୍ତ୍ରଣ କରିଥିବା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ପ୍ରଶାସନ ଘୋଷଣା କରିଛି। ଦୁଇଦେଶ ମଧ୍ୟରେ ତିକ୍ତତାର ୪ମାସର ନୀରବତା ପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସର୍ବସାଧାରଣରେ ମନ୍ତବ୍ୟ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସକାରାତ୍ମକ ପ୍ରତ୍ୟୁତ୍ତର ପରେ ଏହି ଘୋଷଣା ଆମେରିକା କରିଛି। ଗଲା ଗୁରୁବାର ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ଭାରତରେ ରାଷ୍ଟ୍ରଦୂତ ନିଯୁକ୍ତ ସେର୍ଗିଓ ଗୋର କହିଥିଲେ ଯେ, ଖୁବଶୀଘ୍ର ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଓ ଚଳିତ ବର୍ଷର ଶେଷ ଆଡକୁ କ୍ୱାଡ୍ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସେମାନେ ଆଶା କରନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ଅସହମତି ଦେବା ପରେ ପ୍ରତିକ୍ରିୟାଶୀଳ ହୋଇ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୨୫ପ୍ରତିଶତ ଶୁଳ୍କ (ଟାରିଫ) ଲାଗୁ କରିଥିଲେ। କେବଳ ଏତକି ନୁହେଁ ଭାରତୀୟ ଛାତ୍ରଙ୍କ ଭିସା କଟକଣା, ବେଆଇନ ଭାବେ ଅନୁପ୍ରବେଶକାରୀ ଭାରତୀୟ ନାଗରିକ ଗୋଡରେ ବେଡି ପକାଇ ଦେଶାନ୍ତର କରିଥିଲେ। ଆହୁରି ଅପରେସନ 'ସିନ୍ଦୂର'ରେ ଦୁଇ ଦେଇ ମଧ୍ୟରେ ଯୁଦ୍ଧ ବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ ଅଗ୍ରାହ୍ୟ କରିବା ପରେ ଆହୁରି ପ୍ରତିକ୍ରିୟାଶୀଳ ହୋଇ ପାକିସ୍ତାନର ସେନାମୁଖ୍ୟଙ୍କୁ ହ୍ୱାଇଟ୍ ହାଉସରେ ଆତିଥେୟତା ପ୍ରଦାନ କରିଥିଲେ। କେବଳ ଏତିକି ନୁହେଁ, ରୁଷ ଠାରୁ ତେଲ ନ କିଣିବା ପାଇଁ କରିଥିବା ଅନୁରୋଧକୁ ଭାରତ ଅଗ୍ରାହ୍ୟ କରିବା ପରେ ଟ୍ରମ୍ପ ଆହୁରି କ୍ରୋଧିତ ହୋଇ ୫୦ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଗତ ୨୭ତାରିଖ ଠାରୁ ଏହି ଶୁଳ୍କ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଛି। ଦେଶର ହିତ ସହ ଭାରତ କୌଣସି ସାଲିସ୍ କରିବ ନାହିଁ ବୋଲି ସ୍ୱଷ୍ଟ ଭାବରେ ଭାରତ ଘୋଷଣା କରିଥିଲା। ରୁଷ-ୟୁକ୍ରେନ ଯୁଦ୍ଧରୁ ଭାରତ ଲାଭ ଉଠାଇଛି ଏବଂ ଯୁଦ୍ଧକୁ ମୋଦିଙ୍କ ଯୁଦ୍ଧ ବୋଲି କହିବାକୁ କୁଣ୍ଠାବୋଧ କରିନଥିଲେ। ଏହା ବ୍ୟତୀତ ନିଜେ ଟ୍ରମ୍ପ ଏବଂ ତାଙ୍କର ପ୍ରଶାସନ ବହୁ କଟୁ ମନ୍ତବ୍ୟ ଦେଇଥିଲେ। ତେବେ ଆମେରିକାର ଭାରତ ବିରୋଧୀ କଟୁ ମନ୍ତବ୍ୟ ପରେ ଭାରତ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ନିଜ ନିଷ୍ପତ୍ତି ଓ ନୀତିରେ ଅଟଳ ରହିଥିଲା। କିନ୍ତୁ ନିକଟରେ ଚୀନରେ ଅନୁଷ୍ଠିତ ସଂଘାଇ ସହଯୋଗିତା ସଂଗଠନ(ଏସସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ରୁଷର ରାଷ୍ଟ୍ରପତି ଭ୍ଲାଦମିର ପୁଟିନ ଏବଂ ଚୀନର ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କୁ ଭେଟିବା ଏବଂ ତିନି ନେତା ଏକାଠି ହୋଇ ବୈଠକ କରିବା ବୋଧହୁଏ ଟ୍ରମ୍ପଙ୍କ ନିଦ ହଜାଇ ଦେଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ଭାରତ ସହ ପୂର୍ବର ଦ୍ୱିପାକ୍ଷିକ ସୁସମ୍ପର୍କକୁ ଅକ୍ଷୁଣ୍ଣ ରଖିବା ଏବଂ ବାଣିଜ୍ୟ ଆଲୋଚନା ଜାରି ରଖିବାକୁ ଟ୍ରମ୍ପ ଏବେ ଚାହୁଁଥିବା ତାଙ୍କର ମନ୍ତବ୍ୟ ସଂକେତ ପ୍ରଦାନ କରେ। କହିବା ଅଯଥାର୍ଥ ହେବ ନାହିଁ ଯେ, ଭାରତ ବିରୁଦ୍ଧରେ ଆମେରିକା ୫୦ପ୍ରତିଶତ ଶୁଳ୍କ ଲାଗୁ କରିବାର ୧୦ଦିନ ପରେ ଟ୍ରମ୍ପ ଟ୍ରୁଥ ସୋସିଆଲ ନାମକ ଏକ ସାମାଜିକ ଗଣମାଧ୍ୟମ ଓ ପରେ ସର୍ବସାଧାରଣରେ କହିଥିଲେ ଯେ, ମୋଦି ଜଣେ ମହାନ ପ୍ରଧାମନ୍ତ୍ରୀ ସେ ମୋର ଘନିଷ୍ଠ ବନ୍ଧୁ, ମୁଁ ତାଙ୍କ ସହ ବନ୍ଧୁତା ଅକ୍ଷୁଣ୍ଣ ରଖିବି । ଭାରତ-ଆମେରିକା ସମ୍ପର୍କ ସ୍ୱତନ୍ତ୍ର। ଏ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ସେ ଆଶା କରୁଛନ୍ତି ଯେ, ଉଭୟ ଦେଶ ପାଇଁ ଏକ ଉତ୍ତମ ସମାଧାନ ପନ୍ଥା ବାହାରିବ। ମୋଦି ମଧ୍ୟ ପ୍ରଥମେ ସାମାଜିକ ଗଣମାଧ୍ୟମ ଏବଂ ପରେ ସର୍ବସାଧାରଣରେ କହିଥିଲେ। ଏହି ଭଲ କଥାକୁ ସ୍ୱାଗତ କରୁଛନ୍ତି। ଭାରତ-ଆମେରିକା ଘନିଷ୍ଠ ବନ୍ଧୁ ଓ ପାରମ୍ପରିକ ସହଭାଗୀ ଅଟନ୍ତି। ବିଗିଡିଥିବା ସମ୍ପର୍କ ଖୁବ ଶୀଘ୍ର ସୁଧୁରିବା ନେଇ ଆଶା ପ୍ରକଟ କରିଛନ୍ତି।ତେବେ ଏହା ନିଃସନ୍ଦେହ ଯେ, ଟ୍ରମ୍ପଙ୍କ ଶୁଳ୍କ ନୀତି ଭାରତର କେବଳ କ୍ଷତି ଘଟାଇବ ନାହିଁ, ଆମେରିକାକୁ ମଧ୍ୟ କ୍ଷତି ପହଞ୍ଚାଇବ ।

ମୋ-୭୯୭୮୬୬୬୪୦୩

# ଜଙ୍ଗଲ ନଷ୍ଟ ହେବାର ବିପଦ ଗମ୍ଭୀର

## ଡ. ଲକ୍ଷ୍ମଣ ସାହୁ

"

**ଜାତିସଂଘ ତଥ୍ୟ ଅନୁଯାୟୀ, ପ୍ରତିବର୍ଷ କୀଟପତଙ୍ଗ ମଧ୍ୟ ୩.୫ କୋଟି ହେକ୍ଟର ଜଙ୍ଗଲ ନଷ୍ଟ କରୁଛନ୍ତି। ଦେଖାଯାଉଛି ଯେ କେବଳ ମଣିଷ ନୁହେଁ ଅନ୍ୟ ପ୍ରାଣୀମାନଙ୍କ ଜୀବନ ପାଇଁ ମଧ୍ୟ ଗଛଲତା ଅତ୍ୟାବଶ୍ୟକ ହୋଇପଡିଛି । କିଛି କୀଟପତଙ୍ଗ ଜଙ୍ଗଲର ଶତ୍ରୁ ହୋଇଯାଉଛନ୍ତି।**

**ଯଦି ଦେଶ ବିଷୟରେ କଥା ହେବା, ତେବେ ମନୁଷ୍ୟମାନଙ୍କ ଦ୍ୱାରା କେବଳ ଉତ୍ତରାଖଣ୍ଡରେ ଗତ ୮-୯ ବର୍ଷ ମଧ୍ୟରେ ୨.୫ ଲକ୍ଷରୁ ଅଧିକ ଗଛ କଟାଯାଇଛି । ଏଥିମଧ୍ୟରୁ ଅଲ୍ ୱେଦର ରୋଡ୍ ନାମରେ ଏକ ଲକ୍ଷରୁ ଅଧିକ ଗଛ କଟାଯାଇଛି । ଅବଶିଷ୍ଟ ଗଛ ପର୍ଯ୍ୟଟନ, ଡେରାଡୁନରୁ ଦିଲ୍ଲୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଓ ସୁଡ଼ଙ୍ଗ ଆଧାରିତ ପ୍ରକଳ୍ପ ଇତ୍ୟାଦି ନାମରେ କଟାଯାଇଛି । ଦେଓଦର, ଓକ୍, ରାଇ, କାଇଲ ଭଳି ବିରଳ ପ୍ରଜାତିର ଗଛ ଲୋପ ପାଇଛି । ଗତ କୋଡ଼ିଏ ବର୍ଷ ମଧ୍ୟରେ ୪୦, ୦୦୦ ହେକ୍ଟର ଜଙ୍ଗଲ ଅଗ୍ନି ଇନ୍ଧନ ପାଲଟିଛି । ଯେଉଁଥିରେ ଲକ୍ଷ ଲକ୍ଷ ଗଛ ପୋଡ଼ିପାଉଁଶ ହୋଇଯାଇଛି । ଉତ୍ତରାଖଣ୍ଡ କେବଳ ଏକ ଉଦାହରଣ, ଯେତେବେଳେ ବିକାଶ ନାମରେ ସାରା ଦେଶରେ ଗଛ କାଟିବା ଜାରି ରହିଛି ।**

ଏବେ ନିଆରା ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଗଛ ଓ ଜଙ୍ଗଲର ଗୁରୁତ୍ୱ ବିଷୟରେ କେବଳ ସରକାରୀ ସ୍ତରରେ ନୁହେଁ ଗ୍ରାମଗୁଡିକରେ ମଧ୍ୟ ଉଷ୍ମ ଆଲୋଚନା ହେଉଛି । ଏହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ବିଶ୍ୱରେ ସନ୍ତୁଳିତ ଓ ସାମଗ୍ରିକ ବିକାଶର ଲକ୍ଷ୍ୟ ଏକ ବଡ଼ ଚ୍ୟାଲେଞ୍ଜ ନିରନ୍ତର ଭାବରେ ଉଭା ହେଉଛି । ବିଶ୍ୱରେ ଗଛ ସଂଖ୍ୟା ଯେଉଁ ଗତିରେ ହ୍ରାସ ପାଉଛି ତାହା କେବଳ ପରିବେଶକୁ ପ୍ରଭାବିତ କରୁନାହିଁ । ବରଂ ପରିବେଶ, ଜୈବ ବିବିଧତା, କୃଷି ଓ ମାନବ ଜୀବନ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି । ଏପରିକି ଭୂମିର ଦୀର୍ଘକାଳୀନ ସ୍ଥିରତା ପାଇଁ ମଧ୍ୟ ଏକ ଗୁରୁତର ବିପଦ ସୃଷ୍ଟି କରୁଛି । ଜଙ୍ଗଲ ଲୋପ ପାଇବାର ଗତି ବିଷୟରେ ଅନେକ ଆଲୋଚନା ହେଉଛି । ଏହା ଏପରି ଦେଖାଯାଉଛି ଯେ ସେହିଦିନ ବେଶି ଦୂର ନୁହେଁ ଯେତେବେଳେ ବିଶ୍ୱରୁ ଜଙ୍ଗଲର ଏକ ଚିହ୍ନ ମଧ୍ୟ ଲିଭିଯିବ । ଏମିତି ସମୟ ଆସିବ ସେଗୁଡ଼ିକ କେବଳ ପୁସ୍ତକରେ ରହିଯିବ । ପ୍ରତିବର୍ଷ ବିଶ୍ୱରେ ଏକ କୋଟି ହେକ୍ଟର ଜଙ୍ଗଲ ଲୋପ ପାଉଛି । ଜାତିସଂଘ ମଧ୍ୟ ଏ ସମ୍ପର୍କରେ ସୂଚନା ଦେଇଛି । ଜାତିସଂଘ ତଥ୍ୟ ଅନୁଯାୟୀ, ପ୍ରତିବର୍ଷ କୀଟପତଙ୍ଗ ମଧ୍ୟ ୩.୫ କୋଟି ହେକ୍ଟର ଜଙ୍ଗଲ ନଷ୍ଟ କରୁଛନ୍ତି। ଦେଖାଯାଉଛି ଯେ କେବଳ ମଣିଷ ନୁହେଁ ଅନ୍ୟ ପ୍ରାଣୀମାନଙ୍କ ଜୀବନ ପାଇଁ ମଧ୍ୟ ଗଛଲତା ଅତ୍ୟାବଶ୍ୟକ ହୋଇପଡିଛି । କିଛି କୀଟପତଙ୍ଗ ଜଙ୍ଗଲର ଶତ୍ରୁ ହୋଇଯାଉଛନ୍ତି। ଯଦି ଦେଶ ବିଷୟରେ କଥା ହେବା, ତେବେ ମନୁଷ୍ୟମାନଙ୍କ ଦ୍ୱାରା କେବଳ ଉତ୍ତରାଖଣ୍ଡରେ ଗତ ୮-୯ ବର୍ଷ ମଧ୍ୟରେ ୨.୫ ଲକ୍ଷରୁ ଅଧିକ ଗଛ କଟାଯାଇଛି । ଏଥିମଧ୍ୟରୁ ଅଲ୍ ୱେଦର ରୋଡ୍ ନାମରେ ଏକ ଲକ୍ଷରୁ ଅଧିକ ଗଛ କଟାଯାଇଛି । ଅବଶିଷ୍ଟ ଗଛ ପର୍ଯ୍ୟଟନ, ଡେରାଡୁନରୁ ଦିଲ୍ଲୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଓ ସୁଡ଼ଙ୍ଗ ଆଧାରିତ ପ୍ରକଳ୍ପ ଇତ୍ୟାଦି ନାମରେ କଟାଯାଇଛି । ଦେଓଦର, ଓକ୍, ରାଇ, କାଇଲ ଭଳି ବିରଳ ପ୍ରଜାତିର ଗଛ ଲୋପ ପାଇଛି । ଗତ କୋଡ଼ିଏ ବର୍ଷ ମଧ୍ୟରେ ୪୦, ୦୦୦ ହେକ୍ଟର ଜଙ୍ଗଲ ଅଗ୍ନି ଇନ୍ଧନ ପାଲଟିଛି । ଯେଉଁଥିରେ ଲକ୍ଷ ଲକ୍ଷ ଗଛ ପୋଡ଼ିପାଉଁଶ ହୋଇଯାଇଛି । ଉତ୍ତରାଖଣ୍ଡ କେବଳ ଏକ ଉଦାହରଣ, ଯେତେବେଳେ ବିକାଶ ନାମରେ ସାରା ଦେଶରେ ଗଛ କାଟିବା ଜାରି ରହିଛି ।

ପ୍ରକୃତରେ, ଗତ ଦୁଇ ଦଶନ୍ଧି ମଧ୍ୟରେ, ସାରା ବିଶ୍ୱରେ ୭୮ ନିୟୁତ ହେକ୍ଟର ବା ୧୯୩ ନିୟୁତ ଏକର ପର୍ବତ ଜଙ୍ଗଲ ନଷ୍ଟ ହୋଇଛି । ଯେଉଁଠାରେ ପର୍ବତ ହେଉଛି ବିଶ୍ୱର ୮୫ ପ୍ରତିଶତରୁ ଅଧିକ ପକ୍ଷୀ, ସ୍ତନ୍ୟପାୟୀ ଓ ଉଭୟଚର ପ୍ରାଣୀଙ୍କ ଆଶ୍ରୟସ୍ଥଳ । ଯଦି ଆମେ ଏହି କ୍ଷେତ୍ରରେ ଏସିଆ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ଆଫ୍ରିକା ଓ ୟୁରୋପର ହିସାବ କରିବା, ତେବେ ଆମେ ଦେଖିବାକୁ ପାଇବା ୩୯.୮ ନିୟୁତ ହେକ୍ଟର ଜଙ୍ଗଲ କ୍ଷୟ ସହିତ ପର୍ବତ ଜଙ୍ଗଲ ନଷ୍ଟ ହାରରେ ଏସିଆ ଶୀର୍ଷରେ ଅଛି । ଏହା ପରେ, ଉତ୍ତର ଆମେରିକା ୧୮.୭ ନିୟୁତ ହେକ୍ଟର ସହିତ ଦ୍ୱିତୀୟ ସ୍ଥାନରେ, ଦକ୍ଷିଣ ଆମେରିକା ୮.୩ ନିୟୁତ ହେକ୍ଟର ସହିତ ତୃତୀୟ ସ୍ଥାନରେ, ଆଫ୍ରିକା ୬.୪ ନିୟୁତ ହେକ୍ଟର ସହିତ ଚତୁର୍ଥ ସ୍ଥାନରେ ଅଛି । ବିଶ୍ୱର ଅଧାରୁ ଅଧିକ ଜଙ୍ଗଲ ରୁଷ (୮୧.୫ କୋଟି ହେକ୍ଟର), ଭାରତ (୮୦.୯ କୋଟି ହେକ୍ଟର), ବ୍ରାଜିଲ (୪୯.୭ କୋଟି ହେକ୍ଟର), କାନାଡା (୩୪.୭ କୋଟି ହେକ୍ଟର) ଓ ଆମେରିକା (୩୧ କୋଟି ହେକ୍ଟର) ରେ ଅଛି । ଏହା ଉଲ୍ଲେଖନୀୟ ଯେ ପ୍ରତିବର୍ଷ ଯେଉଁ ଜଙ୍ଗଲ ନଷ୍ଟ ହେଉଛି ତାହା ଜର୍ମାନୀ, ନର୍ଡିକ ଦେଶ ଆଇସଲ୍ୟାଣ୍ଡ, ଡେନମାର୍କ, ସ୍ୱିଡେନ ଓ ଫିନଲ୍ୟାଣ୍ଡ ଭଳି ଦେଶରେ ଏକ ଲକ୍ଷ ତିନି ହଜାର ବର୍ଗ କିଲୋମିଟରରେ ବ୍ୟାପି ରହିଛି। ବିଶ୍ୱର କ୍ଷେତ୍ରଫଳ ୧୦୦ ନିୟୁତ ହେକ୍ଟର ସହିତ ସମାନ । କିନ୍ତୁ ଦୁଃଖର ବିଷୟ ହେଉଛି ଯେ ଏହି ତୁଳନାରେ ନୂତନ ଜଙ୍ଗଲ ରୋପଣର ଗତି ବହୁତ ଧୀର । ଯଦି ଆମେ ଲଣ୍ଡନ ଥିଙ୍କ ଟ୍ୟାଙ୍କ ଏନର୍ଜି ଟ୍ରାନ୍ସମିସନ କମିଶନକୁ ବିଶ୍ୱାସ କରିବା, ତେବେ ପ୍ରତି ମିନିଟ୍‌ରେ ସାରା ବିଶ୍ୱରେ ହାରାହାରି ୧୭.୬୦ ଏକର ଜଙ୍ଗଲ କଟାଯାଉଛି । ଯାହା ୧୦ ଫୁଟବଲ୍ ପଡ଼ିଆ ସହିତ ସମାନ। ଗତ ୩୦ ବର୍ଷ ମଧ୍ୟରେ ୪୨ କୋଟି ହେକ୍ଟର ଜଙ୍ଗଲକୁ କ୍ଷେତରେ ପରିଣତ କରାଯାଇଛି ।



ଦକ୍ଷିଣ ଆମେରିକାର ଆମାଜନ ବେସିନର ଏକ ବିସ୍ତୃତ ଅଞ୍ଚଳରେ ବ୍ୟାପିଥିବା ଆମାଜନ ବର୍ଷାଜଳ, ଯାହାକୁ ପୃଥିବୀର ଫୁସଫୁସ କୁହାଯାଏ, ସେଗୁଡ଼ିକ ଧ୍ୱଂସ ପାଇବାର ଦ୍ୱାରଦେଶରେ ପହଞ୍ଚି ଯାଇଛି । ବର୍ଦ୍ଧିତ ତାପମାତ୍ରା, ଭୟଙ୍କର ମରୁଡ଼ି, ଅବାଧ ଜଙ୍ଗଲ କ୍ଷୟ ଓ ଜଙ୍ଗଲ ନିଆଁର ବର୍ଦ୍ଧିତ ଘଟଣା ଯୋଗୁଁ, ଆମାଜନ ଜଙ୍ଗଲ ବିପଦରେ ପଡ଼ିଛି । ଆଜି, ଆମାଜନ ଜଙ୍ଗଲର ୧୦ ରୁ ୪୭ ପ୍ରତିଶତ ବିପଦରେ ଅଛି । ଯେତେବେଳେ ୧୮ ପ୍ରତିଶତ ଆମାଜନ ଜଙ୍ଗଲ ପୂର୍ବରୁ ନଷ୍ଟ ହୋଇସାରିଛି । ଯଦି ଏହି ସଂଖ୍ୟା ୨୦-୨୫ ପ୍ରତିଶତରେ ପହଞ୍ଚିଯାଏ, ତେବେ ଏହି ଜଙ୍ଗଲ ସମ୍ପୂର୍ଣ୍ଣ ଭାବରେ ସାଭାନା ଅର୍ଥାତ୍ ଘାସଭୂମିରେ ପରିଣତ ହୋଇଯିବ । ବାସ୍ତବରେ, ବର୍ତ୍ତମାନ ଆମାଜନ ପାଇଁ 'ରେଡ୍ ଆଲର୍ଟ' ଘୋଷଣା କରିବାର ସମୟ ଆସିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ମରୁଡ଼ି, ଗରମ ଓ ନିଆଁ ସମେତ ଅନେକ କାରଣ ଏଥିରେ ବଡ଼ ଭୂମିକା ଗ୍ରହଣ କରନ୍ତି । ଜଙ୍ଗଲ ନଷ୍ଟ କରିବାରେ ନିଆଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ।

ଯାହା ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜଙ୍ଗଲ ନିଆଁ ଦ୍ୱାରା ନଷ୍ଟ ହେଉଛି । ବୈଜ୍ଞାନିକଙ୍କ ମତରେ, ୨୦୫୦ ସୁଦ୍ଧା ଆମାଜନ ଜଙ୍ଗଲର ପ୍ରାୟ ଅଧା ନଷ୍ଟ ହୋଇଯିବାର ଆଶଙ୍କା ରହିଛି । ପ୍ରକୃତରେ, ବିଶ୍ୱରେ ସର୍ବାଧିକ ଜଙ୍ଗଲ ନଷ୍ଟ ବ୍ରାଜିଲରେ ହୋଇଛି ଓ ଏହି ପ୍ରକ୍ରିୟା ଏବେ ବି ସେଠାରେ ଜାରି ରହିଛି । ଏହା ପରେ କଙ୍ଗୋ ଏବଂ ବୋଲିଭିଆ ଗଣରାଜ୍ୟର ସ୍ଥାନ ରହିଛି ।

ଯଦି ଆମେ ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ଓ ୱାର୍ଲ୍ଡ ରିସୋର୍ସ ଇନଷ୍ଟିଚ୍ୟୁଟର ଗ୍ଲୋବାଲ ୱାଚ୍‌ର ସାମ୍ପ୍ରତିକ ରିପୋର୍ଟକୁ ବିଶ୍ୱାସ କରିବା, ତେବେ ୨୦୨୩ ମସିହାରେ ସାରା ବିଶ୍ୱରେ ୩୭ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି । ଯେତେବେଳେ ଭାରତରେ ୨୦୨୩ ମସିହାରେ ୨୧.୬୭୨ ହେକ୍ଟର ଜଙ୍ଗଲ ନଷ୍ଟ ହେଲା । ୨୦୨୨ ମସିହାରେ ଦେଶରେ ୨୧.୮୩୯ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିଲା । ୨୦୦୧ ରୁ ୨୦୨୩ ମଧ୍ୟରେ ଭାରତରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିଲା । ୨୦୧୩ ରୁ ୨୦୨୩ ମଧ୍ୟରେ ଦଶ ବର୍ଷ ମଧ୍ୟରେ ଦେଶରେ ୯୫ ପ୍ରତିଶତ ଜଙ୍ଗଲ ନଷ୍ଟ କରିବାରେ ବେଆଇନ ଜଙ୍ଗଲ କଟା ଓ ଅଗ୍ନିକାଣ୍ଡ ଘଟଣାରେ ଅନିୟନ୍ତ୍ରିତ ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯଦି ଆମେ ୟୁକେ-ଭିତ୍ତିକ ସାଇଟ୍ ୟୁଟିଲିଟି ବିଡର୍‌ର ରିପୋର୍ଟକୁ ବିଶ୍ୱାସ କରିବା, ତେବେ ଗତ ୩୦ ବର୍ଷ ମଧ୍ୟରେ ଭାରତରେ ଜଙ୍ଗଲ କଟାରେ ଏକ ବଡ଼ ବୃଦ୍ଧି ଘଟିଛି । ଏଥିରେ, ୨୦୧୫ ରୁ ୨୦୨୦ ଏହି ପାଞ୍ଚ ବର୍ଷ ମଧ୍ୟରେ ଜଙ୍ଗଲ କ୍ଷୟ ଏକ ରେକର୍ଡ ସୃଷ୍ଟି କରିଛି । ଏହି ସମୟ ମଧ୍ୟରେ ଦେଶରେ ୬,୬୮,୪୦୦ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି ।(ପ୍ରଥମ ଭାଗ)

ଖୋର୍ଦ୍ଧା-୫୫ ,
ମୋ: ୯୦୪୦୧୫୧୪୭୫

# ନୈତିକ ମୂଲ୍ୟବୋଧ ହରାଉଛି ଗଣତନ୍ତ୍ର ?

## ରବୀନ୍ଦ୍ରନାଥ ଯୋଷୀ

"

**ଏହା ନିଶ୍ଚିତ ଯେ ଗଣତନ୍ତ୍ର ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠ ଦଳ ହିଁ ଶାସନଭାର ଗ୍ରହଣ କରେ। ଜନମତ ଆଧାରରେ ସରକାର ଗଠନ ହୁଏ। ସଂଖ୍ୟା ଖେଳରେ ହାରିଯାଇଥିବା ଦଳ ବିରୋଧୀ ଦଳର ଭୂମିକା ନିର୍ବାହ କରେ। ଶାସକ ଦଳ ଦେଶ ତଥା ନାଗରିକଙ୍କ ଠାରେ ତାଙ୍କ କାର୍ଯ୍ୟକଳାପ ଯେମିତି ପାଇଁ ଉତ୍ତରଦାୟୀ ଅଟନ୍ତି ବିରୋଧୀ ମଧ୍ୟ ସରକାରଙ୍କୁ ଗଠନମୂଳକ ସମାଲୋଚନା କରିବା ସହିତ ଉପଯୁକ୍ତ ପରାମର୍ଶ ଦେବାର ଗୁରୁଦାୟିତ୍ୱ ରହିଛି। କିନ୍ତୁ ବର୍ତ୍ତମାନ ଦେଖାଦେଇଛି ଶାସକଦଳ ଯେପରି ବିରୋଧୀଙ୍କ ପ୍ରତି ଆଖି କାନ ବନ୍ଦ କରି ସ୍ୱେଚ୍ଛାଚାରୀ ହୋଇଉଠୁଛି ବିରୋଧୀ ମଧ୍ୟ ଶାସକଙ୍କ ପ୍ରତି ଅସହିଷ୍ଣୁ ହୋଇ ଉଠିଛି। ଜନସେବା ବା ରାଷ୍ଟ୍ରସେବା ଅପେକ୍ଷା ଶାସକ ପୁନର୍ବାର ଶାସନଗାଦି ଦାଖଲ ପାଇଁ ମନପ୍ରାଣ ଢାଳି ଦେଉଛି ତ ବିରୋଧୀ ଶାସନଗାଦି ଅକ୍ତିଆର ପାଇଁ ଭିନ୍ନ ଭିନ୍ନ କଳାକୌଶଳ ଅବଲମ୍ବନ କରୁଛି।**

ଏକଦା ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ଦେଖାଦେଇଥିବା ଏକଛତ୍ରବାଦ, ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସଂଗଠିତ ଗଣ ପ୍ରତିବାଦରୁ ହିଁ ଗଣତନ୍ତ୍ର ଜନ୍ମ ନେଇଛି । ଜନମତର ପ୍ରାଧାନ୍ୟ ହେତୁ ଏହା ଏକ ଜନାଦୃତ ଶାସନ ବ୍ୟବସ୍ଥା ଭାବରେ ସମଗ୍ର ବିଶ୍ୱରେ ଆସ୍ଥାଭାଜନ ହୋଇଛି । ବର୍ତ୍ତମାନ ବିଶ୍ୱର ପ୍ରାୟ ସବୁଠି ଏହି ଶାସନ ବ୍ୟବସ୍ଥା ହିଁ କାର୍ଯ୍ୟକାରୀ ହେଉଛି । ଆମ ଦେଶ ଭାରତ ବର୍ଷରେ ମଧ୍ୟ ସ୍ୱାଧୀନତା ପରେ ଗଣତନ୍ତ୍ର ଶାସନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଏହି ଶାସନ ବ୍ୟବସ୍ଥାରେ ଜନମତ ଆଧାରରେ ଶାସନ ପରିଚାଳିତ ହୋଇଥାଏ । ତେଣୁ ସଂଖ୍ୟାଗରିଷ୍ଠ ସମର୍ଥନ ପାଇଥିବା ଦଳ ହିଁ ଶାସନ ଭାର ଗ୍ରହଣ କରନ୍ତି। ଏହା ନିଃସନ୍ଦେହ ଯେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା । ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟବସ୍ଥା ଗଣସ୍ୱାଧୀନତାକୁ ଗୁରୁତ୍ୱ ଦିଏ ନାହିଁ। କିନ୍ତୁ ଏହି ଶାସନ ବ୍ୟବସ୍ଥାରେ ଥିବା କିଛି ଦୋଷ ଦୁର୍ବଳତା ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରୁଛି । ଧୀରେ ଧୀରେ ଏହାର ଆଦର୍ଶ ଓ ଲକ୍ଷ୍ୟ ଦିଗହରା ହେବାରେ ଲାଗିଛି । ଲୋକଙ୍କ ଦ୍ୱାରା ଶାସନ ବୋଲି କୁହାଯାଉଥିବା ଗଣତନ୍ତ୍ର ଶାସନ ବ୍ୟବସ୍ଥାର ସଫଳତା ଉପରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଆମ ଦେଶ ଭାରତ ବର୍ଷରେ ଏହି ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ଏହାର ଭବିଷ୍ୟତ ସଂପର୍କରେ ଏଠାରେ ଆଲୋଚନା କରାଯାଇପାରେ । ଆମଦେଶ ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଯାହାର ଏକ ସୁଦୀର୍ଘ ଲିଖିତ ସମ୍ବିଧାନ ରହିଛି । ଏହି ସମ୍ବିଧାନ ଅନୁସାରେ ଆମ ଦେଶର ଗଣତନ୍ତ୍ର ତାର ତିନୋଟି ଅଙ୍ଗ ବା ସ୍ତମ୍ଭରେ ଦଣ୍ଡାୟମାନ ହୋଇଛି । ବ୍ୟବସ୍ଥାପିକା,କାର୍ଯ୍ୟପାଳିକା ଓ ନ୍ୟାୟପାଳିକା । ଏହା ସହିତ ଗଣମାଧ୍ୟମକୁ ମଧ୍ୟ ଆମଦେଶରେ ଗଣତନ୍ତ୍ରର ଆଉ ଏକ ଅଙ୍ଗ ବା ସ୍ତମ୍ଭ ବୋଲି ବିବେଚନା କରାଯାଏ। ଉପରୋକ୍ତ ସ୍ତମ୍ଭମାନଙ୍କ ମଧ୍ୟରୁ ପ୍ରଥମ ତିନୋଟି ସ୍ତମ୍ଭକୁ ସମ୍ବିଧାନ ସମସ୍ତ କ୍ଷମତା ପ୍ରଦାନ କରିଛି ଓ ଏହା ସହିତ ସେମାନେ ଦେଶର ଜନସାଧାରଣଙ୍କ ନିକଟରେ ତାଙ୍କ ସମସ୍ତ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଅଟନ୍ତି । ଚତୁର୍ଥସ୍ତମ୍ଭ ବୋଲି କୁହାଯାଉଥିବା ଗଣମାଧ୍ୟମକୁ କୌଣସି ସାମ୍ବିଧାନିକ କ୍ଷମତା ପ୍ରଦାନ କରାଯାଇନଥିଲେ ମଧ୍ୟ ପ୍ରଥମ ତିନୋଟି ସ୍ତମ୍ଭ ବା ସଂସ୍ଥାର କାର୍ଯ୍ୟକୁ ସମୀକ୍ଷା କରିବା ଓ ଦୋଷ ତ୍ରୁଟିକୁ ଲୋକଲୋଚନକୁ ଆଣିବା ସହିତ ଉପଯୁକ୍ତ ମାର୍ଗଦର୍ଶନ କରିବାର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି । ଦେଶର ସମ୍ବିଧାନ କାର୍ଯ୍ୟକାରୀ ହେବାର ମଧ୍ୟ ୭୫ ବର୍ଷ ଅତିକ୍ରାନ୍ତ ହୋଇସାରିଛି । ଏହି ଅବଧିରେ ଆମ ଦେଶର ଗଣତନ୍ତ୍ର କେତେଦୂର ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଛି । କେତେଦୂର ଏହାର ଲକ୍ଷ୍ୟ ଓ ଆଦର୍ଶକୁ ଅନୁପାଳନ କରିପାରିଛି। ତାହା ତର୍ଜମାର ଆବଶ୍ୟକତା ରହିଛି । ଆଲୋଚିତ ସମସ୍ତ ସ୍ତମ୍ଭ ପରସ୍ପର ସମନ୍ୱୟ ରକ୍ଷାକରି ଦେଶର ସ୍ୱାର୍ଥପାଇଁ ଓ ନାଗରିକଙ୍କ ହିତ ପାଇଁ କେତେଦୂର ସଠିକ ଢଙ୍ଗରେ କାର୍ଯ୍ୟକରୁଛନ୍ତି ତାହା ପ୍ରତ୍ୟହ ଆମ ସମସ୍ତଙ୍କ ଦୃଷ୍ଟିଗୋଚର ହେଉଛି । ସାଂପ୍ରତିକ ପରିସ୍ଥିତିରେ ବ୍ୟବସ୍ଥାପିକା,କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ନିଜ ସୀମା ସରହଦରେ ରହି କାର୍ଯ୍ୟକରୁଛନ୍ତି ନା ପରସ୍ପର କ୍ଷମତାର ଅପବ୍ୟବହାର କରି ଅନ୍ୟର କ୍ଷମତା ଓ ଅଧିକାରର ଅପହରଣ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହି ସଂସ୍ଥା ଗୁଡ଼ିକ ସତରେ ଜନସେବା ପାଇଁ ସମର୍ପିତ ଓ ସଂକଳ୍ପବଦ୍ଧ ନା ନିଜ ନିଜ ସ୍ୱାର୍ଥ ହାସଲରେ ନିୟୋଜିତ । ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ସତରେ ସ୍ୱାଧୀନ, ନିରପେକ୍ଷ ଓ ନିର୍ଭୀକ ନା ଅନ୍ୟକାହାର ଚାପରେ ଚାପଗ୍ରସ୍ତ ?

ଦେଶର ଓ ରାଜ୍ୟର ନିୟମ ପ୍ରଣୟନକାରୀ ସଂସ୍ଥା ହେଉଛନ୍ତି ବ୍ୟବସ୍ଥାପିକା। ଜନସାଧାରଣଙ୍କ ସ୍ୱାର୍ଥପାଇଁ ସଂକଳ୍ପବଦ୍ଧ ଏହି ସଂସ୍ଥାର ସଦସ୍ୟ ଗଣ ସତରେ ଜନସାଧାରଣଙ୍କ ପାଇଁ ସମର୍ପିତ ଭାବରେ କାର୍ଯ୍ୟ କରନ୍ତି ନା ଜନସେବାର ଆଢୁଆଳରେ ଅନ୍ୟ କେଉଁ ଉଦ୍ଦେଶ୍ୟ ନିହିତ ରହିଛି । ଏହି ମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ଏକାଧିକ ଫୌଜଦାରି ମାମଲା ରହିଥିବାବେଳେ ଅନେକଙ୍କ ନାମରେ ବିଭିନ୍ନ ଦୁର୍ନୀତିର ଅଭିଯୋଗ ରହିଛି । ରାଜନୈତିକ ଦଳଗୁଡ଼ିକ ନୀତି ଆଦର୍ଶ ହରାଇଛି । ଦଳମାନଙ୍କରେ ପୂର୍ବଭଳି ପ୍ରକୃତ ଜନସେବୀଙ୍କ ଅପେକ୍ଷା କୋଟିପତି, ଶିଳ୍ପପତି, ପୁଂଜିପତି ଓ ବ୍ୟବସାୟୀଙ୍କ ଭିଡ଼ ପରିଲକ୍ଷିତ ହେଉଛି । ନିର୍ବାଚନ ସମୟରେ ଅସାଧୁ ଉପାୟ ଅବଲମ୍ବନ ସହିତ ମତଦାତାଙ୍କୁ ପ୍ରଭାବିତ କରି ଭୋଟ ହାତେଇବା ଏକ ସାଧାରଣ ବ୍ୟାପାରରେ ପରିଗଣିତ ହୋଇଛି । ବିଭିନ୍ନ ସମୟରେ ସରକାର ଗଠନ ପାଇଁ ମେଜିକ ସଂଖ୍ୟା ହାସଲ ପାଇଁ ଘୋଡ଼ା ବେପାର ହେବାର ମଧ୍ୟ ଅଭିଯୋଗ ହେଉଛି । ଏହା ଗଣତନ୍ତ୍ର ପାଇଁ ଘୋର ବିପଦ ସୃଷ୍ଟି କରୁଛି । ଅନୁରୂପ ଭାବରେ କାର୍ଯ୍ୟପାଳିକା ମଧ୍ୟ କାଠଗଡ଼ାରେ ଠିଆ ହୋଇଛି । କ୍ଷମତାର ଅପବ୍ୟବହାର କରି ଉଚ୍ଚକ୍ଷମତାସଂପନ୍ନ ଅଧିକାରୀ ମଧ୍ୟ ଦୁର୍ନୀତିରେ ଲିପ୍ତ। ଜନପ୍ରତିନିଧିମାନଙ୍କ ଭଳି ବିଭିନ୍ନ ଘୋଟାଲାରେ ଏମାନଙ୍କ ନାମର ତାଲିକା ମଧ୍ୟ ସୁଦୀର୍ଘ । ବର୍ତ୍ତମାନ ନ୍ୟାୟପାଳିକା ଆଡ଼କୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହୋଇସାରିଛି । କିଛିଦିନ ତଳେ ଜନୈକ ନ୍ୟାୟାଧୀଶଙ୍କ ଘରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇ ଦମକଳ ବାହିନୀ ବସ୍ତା ବସ୍ତା ଅର୍ଦ୍ଧ ଦଗ୍ଧ ନୋଟ ବିଡ଼ା ପାଇଥିଲେ। ଏହି ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ନ୍ୟାୟାଳୟ ପ୍ରତି ଜନସାଧାରଣଙ୍କ ଯେତିକି ବିଶ୍ୱାସ ତୁଟିଲା ତାଠାରୁ ଅଧିକ ରାଜନୈତିକ ଦୃଶ୍ୟପଟରେ ମଧ୍ୟ ଏକ ସାମ୍ବିଧାନିକ ସଂକଟ ସୃଷ୍ଟି କରିଥିଲା । ଏ ସମସ୍ତ ଉଚ୍ଚକ୍ଷମତା ସଂପନ୍ନ ସାମ୍ବିଧାନିକ ସଂସ୍ଥାମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣଦୃଷ୍ଟି ରଖି ଉଚିତ ମାର୍ଗ ଦେଖାଇବାର ଦାୟିତ୍ୱ ବହନ କରୁଥିବା ଚତୁର୍ଥସ୍ତମ୍ଭ ମଧ୍ୟ ସ୍ୱଚ୍ଛତା ରକ୍ଷା କରିବାରେ ବିଫଳ ହୋଇଛି । ଆଜି ରାଜନୈତିକ ଦଳ ଓ କର୍ପୋରେଟ ସୋସାଇଟିର ଚାପରେ ଗଣ ମାଧ୍ୟମ ଅଣନିଶ୍ୱାସୀ ହୋଇଛି । ଅନେକ ରାଜନେତାଙ୍କ ଅଦୃଶ୍ୟ ନିର୍ଦ୍ଦେଶରେ ଗଣମାଧ୍ୟମ ପରିଚାଳିତ ହେଉଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି । ଶିଳ୍ପପତି, କୋଟିପତି ଓ ବ୍ୟବସାୟୀମାନଙ୍କ ଅନୁପ୍ରବେଶ ଗଣମାଧ୍ୟମର ସ୍ୱଚ୍ଛତାକୁ ମଳିନ କରୁଛି । ଅବଶ୍ୟ ଏବେବି ଅନେକ ଗଣମାଧ୍ୟମ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ରଖି ନିଜ ଦାୟିତ୍ୱ ସଂପାଦନ କରୁଛନ୍ତି । କିନ୍ତୁ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ସମସ୍ତେ ଅସାଧୁ ନୁହନ୍ତି । ଅନେକ ବ୍ୟକ୍ତି ନିଜ ନିଜ ପରିସରରେ ତ୍ୟାଗ ଓ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି । କିନ୍ତୁ ରାଜନେତାଙ୍କ ସଙ୍କୋଚପଣ, ଅଧିକାରୀଙ୍କ ସାଧୁତା ଓ ନ୍ୟାୟାଧୀଶଙ୍କ ନିରପେକ୍ଷତା ଉପରେ ଅନେକବାର ପ୍ରଶ୍ନବାଚୀ ସୃଷ୍ଟି ହୋଇସାରିଛି । ଗଣତନ୍ତ୍ର ଧୀରେ ଧୀରେ ଆସ୍ଥା ହରାଉଛି ।

ଏହା ନିଶ୍ଚିତ ଯେ ଗଣତନ୍ତ୍ର ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠ ଦଳ ହିଁ ଶାସନଭାର ଗ୍ରହଣ କରେ । ଜନମତ ଆଧାରରେ ସରକାର ଗଠନ ହୁଏ । ସଂଖ୍ୟା ଖେଳରେ ହାରିଯାଇଥିବା ଦଳ ବିରୋଧୀ ଦଳର ଭୂମିକା ନିର୍ବାହ କରେ । ଶାସକ ଦଳ ଦେଶ ତଥା ନାଗରିକଙ୍କ ଠାରେ ତାଙ୍କ କାର୍ଯ୍ୟକଳାପ ଯେମିତି ପାଇଁ ଉତ୍ତରଦାୟୀ ଅଟନ୍ତି ବିରୋଧୀ ମଧ୍ୟ ସରକାରଙ୍କୁ ଗଠନମୂଳକ ସମାଲୋଚନା କରିବା ସହିତ ଉପଯୁକ୍ତ ପରାମର୍ଶ ଦେବାର ଗୁରୁଦାୟିତ୍ୱ ରହିଛି । କିନ୍ତୁ ବର୍ତ୍ତମାନ ଦେଖାଦେଇଛି ଶାସକଦଳ ଯେପରି ବିରୋଧୀଙ୍କ ପ୍ରତି ଆଖି କାନ ବନ୍ଦ କରି ସ୍ୱେଚ୍ଛାଚାରୀ ହୋଇଉଠୁଛି ବିରୋଧୀ ମଧ୍ୟ ଶାସକଙ୍କ ପ୍ରତି ଅସହିଷ୍ଣୁ ହୋଇ ଉଠିଛି । ଜନସେବା ବା ରାଷ୍ଟ୍ରସେବା ଅପେକ୍ଷା ଶାସକ ପୁନର୍ବାର ଶାସନଗାଦି ଦାଖଲ ପାଇଁ ମନପ୍ରାଣ ଢାଳି ଦେଉଛି ତ ବିରୋଧୀ ଶାସନଗାଦି ଅକ୍ତିଆର ପାଇଁ ଭିନ୍ନ ଭିନ୍ନ କଳାକୌଶଳ ଅବଲମ୍ବନ କରୁଛି । ସରକାରଙ୍କ ଯୋଜନା ରାଷ୍ଟ୍ରର ସମୂହ ହିତ ପାଇଁ ଯେତିକି ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ତା ଠାରୁ ଢେର୍ ଅଧିକ । ଗଣତନ୍ତ ପ୍ରଚାର ସର୍ବସ୍ୱ ହୋଇଛି । ରାଜନୈତିକ ଦଳମାନଙ୍କର ପ୍ରାଥମିକତା ନାଗରିକଙ୍କ ସ୍ୱାର୍ଥ,ରାଷ୍ଟ୍ରର ପ୍ରଗତି ଓ ଏହାର ସୁରକ୍ଷା ,ଜାତୀୟ ସଂପତ୍ତିର ସୁରକ୍ଷା ଅଟେ । କିନ୍ତୁ ଏହା କେଉଁଠି ନା କେଉଁଠି ଅବହେଳିତ ହୋଇଛି । ରାଜନୈତିକ ଦଳଗୁଡ଼ିକ ନିଜସ୍ୱ ଦଳୀୟ ପାଣ୍ଠି ସଂଗ୍ରହ ପାଇଁ ନୀତି ଓ ନୈତିକତା ଭୁଲି ଖୋଲାଖୋଲି ଭାବରେ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କ ଠାରୁ ବିପୁଳ ପରିମାଣର ଚାନ୍ଦା ସଂଗ୍ରହ କରୁଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ସଂସ୍ଥାଗୁଡ଼ିକ ସରକାରଙ୍କ ଠାରୁ ବିଭିନ୍ନ ସମୟରେ ଅନ୍ୟାୟ ଭାବରେ ସହଯୋଗ ପାଉଛନ୍ତି ।

ବେକାରୀ ସମସ୍ୟା ଉଗ୍ର ହୋଇଛି , ଦୁର୍ନୀତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ନାଗରିକ ମଧ୍ୟ ତାର ମୌଳିକ କର୍ତ୍ତବ୍ୟ ଅନୁପାଳନ ଅପେକ୍ଷା ଅଧିକାର ପ୍ରତି ଅଧିକ ଯତ୍ନଶୀଳ ହୋଇଛି । ଜାତୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତି ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛି । ଶାସନ ବ୍ୟବସ୍ଥାରୁ ନୈତିକତା ଉଭେଇଯାଇଛି। ଗଣତନ୍ତ୍ର ବଂଚିଛି ସତ, କିନ୍ତୁ ଗଣତାନ୍ତ୍ରିକ ମୂଲ୍ୟବୋଧ ଦୂରେଇଯାଇଛି, ଏପରି ହିଁ ମନେ ହେଉଛି ।

ମୋ - ୮୦୧୮୧୮୦୩୮୧

# ଅସ୍ତ୍ରୋପଚାର ପ୍ରସୂତି ଓ ଜରୁରୀକାଳୀନ ଚିକିତ୍ସାକୁ ନା !

ଭାପୁର,୧୭।୯ (ନିପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଛି । ଅଭିଜ୍ଞ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଅସ୍ତ୍ରୋପଚାର ହେବା ପାଇଁ ମହିଳା ଓ ଗୁରୁତର ରୋଗୀଙ୍କୁ ଖୋର୍ଦ୍ଧା,ଭୁବନେଶ୍ୱର ପଠାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଚିକିତ୍ସା କ୍ଷେତ୍ରରେ ରାଜ୍ୟ ଆଗେଇ ଥିବାବେଳେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ରହିଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର କେତେଜଣ ଆୟୁଷ ଡାକ୍ତରଙ୍କୁ ନେଇ ଚାଲିଥିବା ବେଳେ ଏମ.ବି.ବି.ଏସ୍. ଡାକ୍ତରଙ୍କ କଥା ନ କହିବା ଭଲ । ବରିଷ୍ଠ ଡାକ୍ତରଙ୍କ ବିରୋଧରେ ବିଭିନ୍ନ ମହଲରୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ର ଜନୈକ ଉଚ୍ଚ ଅଧିକାରୀଙ୍କ ହାତ ତାଙ୍କ ମସ୍ତକରେ ରହିଥିବାରୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଙ୍କ ପାଇଁ ନିରାପଦ ହୋଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ଲକ୍ଷାଧିକ ଜନସାଧାରଣ ନିର୍ଭର କରୁଥିଲେ ମଧ୍ୟ ଗୁରୁତର ଆସନ୍ନ ପ୍ରସୂତି ମହିଳାଟିଏ ଆସିଲେ ଅସ୍ତ୍ରୋପଚାର ପାଇଁ ନୟାଗଡ,ଖୋର୍ଦ୍ଧା ପଠାଯାଇଥାଏ । ଯଦି କୌଣସି ଦୁର୍ଘଟଣାଗ୍ରସ୍ତ ଗୁରୁତର ରୋଗୀ ଅଥବା ଜରୁରୀ କାଳୀନ ରୋଗୀଟିଏ ଆସିଥାଏ ତେବେ ତାକୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର କରାଯାଇଥାଏ । ବିଜେପି ସରକାର ସ୍ୱାସ୍ଥ୍ୟ ସେବା ପାଇଁ ଅନେକ ପଦକ୍ଷେପ ନେଉଥିବାବେଳେ କୃଷିଭିତ୍ତିକ ଓ ଗରିବ ଅଞ୍ଚଳ ଭାପୁର ବ୍ଲକକୁ ଅଣଦେଖା କରିବା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି । ଗତ ୨୦ ବର୍ଷ ପୂର୍ବେ ଯେଉଁଭଳି ଅବସ୍ଥାରେ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ସ୍ୱାସ୍ଥ୍ୟସେବା ମିଳୁଥିଲା ବର୍ତ୍ତମାନ ବିଜ୍ଞାନ ଆଗେଇ ମଧ୍ୟ ସେହିପରି ସ୍ୱାସ୍ଥ୍ୟସେବା ମିଳୁଛି ବୋଲି ସାଧାରଣରେ ଆଲୋଚନା ଚାଲିଛି ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ

ଭବାନୀପାଟଣା,୧୭।୯ (ନିପ୍ର): କଳାହାଣ୍ଡି ଜିଲାରେ ବୁଧବାର ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଅବସରରେ 'ଏକ ପେଡ ମା କେ ନାମ'କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲାର ୨ହଜାର ଗ୍ରାମରେ ୩ ଶହ ଲେଖାଏଁ ହିସାବରେ ୬ ଲକ୍ଷ ବୃକ୍ଷ ରୋପଣ କରାଯିବ। ଏ ନେଇଁ ମଙ୍ଗଳବାର ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲାପାଳ ପାଣ୍ଡେର ସଚିନ ପ୍ରକାଶ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ବ୍ଲକ କୁଳିଆମାଲ ପଞ୍ଚାୟତରେ ଏହାର ଶୁଭାରମ୍ଭ କରାଯିବ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଲୋକସଭା ସାଂସଦ,ରାଜ୍ୟ ସଭା ସଦସ୍ୟ,ବିଧାୟକ ତଥା ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ସାମିଲ ହେବେ। ସେହିପରି ଜିଲାର ସମସ୍ତ ପଞ୍ଚାୟତରେ ଏ ନେଇଁ ଏକ ଶୋଭାଯାତ୍ରା କରାଯିବ ସହ ଏକ ସଚେତନତା ରଥ ବୁଲିବ। ଏହି ଉପଲକ୍ଷେ ସ୍ଥାନୀୟ କଳାକାରଙ୍କୁ ନେଇ ଏକ ଗୀତ ମଧ୍ୟ କରାଯାଇଛି। ସେହିପରି ଏହାପୂର୍ବରୁ ଏହାକୁ ନେଇ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଗ୍ରାମାଞ୍ଚଳରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି ସହ ଶିକ୍ଷକ,ଅଙ୍ଗନୱାଡି,ଆଶା କର୍ମୀ,ଇକୋ କ୍ଲବ ସଦସ୍ୟ ପ୍ରମୁଖ ସାମିଲ ହେବେ।

## ପରିବେଶ ପରିବର୍ତ୍ତନ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର,୧୭।୯ : ଜୀବନସେବା ଫାଉଣ୍ଡେସନ ଭୁବନେଶ୍ୱର ପରିବାର ତରଫରୁ ପରିବେଶ ସୁରକ୍ଷା ପାଇଁ ଅଭିନବ ପ୍ରୟାସ । ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ " ଜୀବନ ସେବା ଫାଉଣ୍ଡେସନ ଭୁବନେଶ୍ୱରର ମଞ୍ଚେଶ୍ୱର ସ୍ଥିତ ମଞ୍ଚନାଥ ଦେବ ହାଇସ୍କୁଲ ଓ ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲରେ ପରିବେଶ ପରିବର୍ତ୍ତନ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। ପରିବେଶ ପ୍ରାକୃତିକ ବିପର୍ଯ୍ୟୟରୁ କିପରି ସୁରକ୍ଷା ଦିଆଯାଇପାରିବ ଏହି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ। ପ୍ରାକୃତିକ ମହାବଳୟ ତାଣ୍ଡବ ବନ୍ୟା ବାତ୍ୟା ରୁ ପ୍ରାଣୀଜଗତ



କିପରି ରକ୍ଷା ପାଇ ପାଇବ ସମସ୍ତେ ମିଳିମିଶି ଏହାର ସୁରକ୍ଷା କରିବ। ଅଧିକରୁ ଅଧିକ ବୃକ୍ଷରୋପଣ କରିବା ତା ସହ ସାମୁଦ୍ରିକ ଅଞ୍ଚଳରୁ କିପରି ଲୋକମାନେ ସୁରକ୍ଷା ପାଇ ପାରିବେ ସେମାନଙ୍କୁ ସଚେତନ ବାର୍ତ୍ତା ଦ୍ୱାରା ସଜାଗ କରାଇବା। "ପ୍ଲାଷ୍ଟିକ " ବ୍ୟବହାର ଦ୍ୱାରା ସମସ୍ତ ପ୍ରାଣୀ ଜଗତର କିପରି କ୍ଷତିକାରକ ହେଉଛି ଆମେ ସମସ୍ତଙ୍କୁ ସଚେତନ କରେଇବା ଯେପରି ଏହାର ବ୍ୟବହାର ଦିନକୁ ଦିନ କମିବାରେ ଲାଗିବ।

ଜୀବନ ସେବା ଫାଉଣ୍ଡେସନ ପରିବାରର ସଦସ୍ୟ ସ୍କୁଲର ଶିକ୍ଷକ ଓ କର୍ମଚାରୀ, ଛାତ୍ରଛାତ୍ରୀ ବର୍ଗଙ୍କୁ ସଚେତନତା ସୃଷ୍ଟି କରିବା ସହିତ ଏହାଦ୍ୱାରା ପୃଥ୍ୱୀ ପାଇଁ କେତେ କ୍ଷତିକାରକ ଯାହାଦ୍ୱାରା ଆମେ ବିଭିନ୍ନ ପ୍ରକାର ରୋଗ ଆକ୍ରାନ୍ତ ଛୋଟରୁ ବୃଦ୍ଧା ପର୍ଯ୍ୟନ୍ତ ସଚେତନ ହେବା ଜରୁରୀ ବୋଲି ମତ ପ୍ରକାଶ କରି ଥିଲେ ।

## ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ନୂଆଁଖାଇ ଭେଟଘାଟ

ଧର୍ମଗଡ,୧୭।୯ (ନିପ୍ର); କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁସୁମଖୁଟି ଠାରେ ଆଜି ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ନୂଆଁଖାଇ ଭେଟଘାଟ ହୋଇଯାଇଛି । ଏହି ଭେଟ ଘାଟ ସଭାରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମୋହନନ୍ଦ ମୁଖ୍ୟ ବକ୍ତା ଭାବେ ସତ୍ୟ ନାରାୟଣ ମହାପାତ୍ର, ସମ୍ମାନ ଅତିଥି ଭାବେ ରଜନୀ ମିଶ୍ର, ନରେନ୍ଦ୍ର କ୍ଷୀତି, ଜଗମୋହନ ପଟ୍ଟନାୟକ ଓ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ସଭାପତି ନିକୁଞ୍ଜ ଚଳାନ ମଞ୍ଚାସୀନ ଥିଲେ । ନୂଆଁଖାଇ ଉପରେ ଶ୍ରୀ ପଟ୍ଟନାୟକ ଅନେକ ଅଭିଭାଷଣ ରଖିଥିବା ବେଳେ ମୁଖ୍ୟବକ୍ତା ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ମହାପାତ୍ର ସାମ୍ବାଦିକଙ୍କ ଜୀବନ ଜୀବିକା ଉପରେ , ଓ ଜଣେ ସାମ୍ବାଦିକଙ୍କ ଉପରେ କେତେ ଚାପ ଥାଏ ତାଙ୍କର ଅନୁଭୂତି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ତଥା ବ୍ଲକ ଚେୟାରମେନ ବିନ୍ଦୁ ମହାନନ୍ଦ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ନୂଆଖାଇର ଅଭିନନ୍ଦନ ଜଣାଇଥିଲେ। ସହିତ ସାମ୍ବାଦିକଙ୍କ ଯୋଗୁଁ ଅନେକ ଲୁକ୍କାୟିତ ବିଷୟ ଲୋକ ଲୋଚନକୁ ଆସୁଛି ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନେକ ଅଞ୍ଚଳରୁ ଶତାଧିକ ସାମ୍ବାଦିକମାନେ ଉପସ୍ଥିତ ରହିଥିଲେ।

## ସ୍ୱାସ୍ଥ୍ୟରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା ଆଲୋଚନା ଚକ୍ର

ଦାମନଯୋଡି,୧୭/୯(ନିପ୍ର): ଜଣେ ମଣିଷ ସୁସ୍ଥ ସବଳ ରହିବାକୁ ହେଲେ 'ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକ ଚିନ୍ତନ ସହିତ ଶୈଶବ ରୁ ହିଁ ବିଦ୍ୟାଳୟ ଅଧ୍ୟୟନରେ ଗୀତା, ଭାଗବତ ଭଳି ପୁରାଣଶାସ୍ତ୍ରକୁ ସାମିଲ କରିବା ନିତାନ୍ତ ଆବଶ୍ୟକ'ବୋଲି 'ସ୍ୱାସ୍ଥ୍ୟରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା' ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦ୍ମଭୂଷଣ ଡଃ ଅଶୋକ କୁମାର ମହାପାତ୍ର କହିଛନ୍ତି। ନାଲକୋ ଟାଉନସିପ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାରଳା ସାହିତ୍ୟ ସଂସଦ ସଭାପତି ରମାକାନ୍ତ ମିଶ୍ର, ଓଡ଼ିଶା ରାଜ୍ୟପାଳଙ୍କ




କାର୍ଯ୍ୟାଳୟର ପୂର୍ବତନ ଯୁଗ୍ମ ସଂଯୋଜକ ସୁକାନ୍ତ କୁମାର ପ୍ରଧାନ, ସରସ୍ୱତୀ ବିଦ୍ୟା ମନ୍ଦିର ସମ୍ପାଦକ ଚିତ୍ତ ରଞ୍ଜନ ମିଶ୍ର, କୋରାପୁଟ ଡି ଏ ଭି ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦାମନଯୋଡି ର ଅଗ୍ରଣୀ ସାମାଜିକ ସଂଗଠନ ରାଷ୍ଟ୍ରଦୀପ ପ୍ରସାର ସମିତି ସମ୍ପାଦକ ଜଳେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଘରେ ପ୍ରତିଦିନ ଗୀତା,ପୁରାଣ ଆଦି ପଢ଼ିବା ପାଇଁ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଶ୍ରୀ ମହାପାତ୍ର ଆହ୍ୱାନ ଦେବା ସହିତ ବିଦ୍ୟାଳୟଗୁଡ଼ିକରେ ଏହାକୁ ଏକ ବିଷୟ ରୂପେ ନିୟମ ପ୍ରଣୟନ କରିବା ଦିଗରେ ସରକାର ବିଚାର କରିବା ଆବଶ୍ୟକ ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# କେବଳ ନୋଟିସ୍‌ରେ ସୀମିତ ଜବରଦଖଲ ଉଚ୍ଛେଦ

ଭଦ୍ରକ,୧୭।୯ (ନିପ୍ର): ବିଭିନ୍ନ ଗଣମାଧ୍ୟମରେ ବନ୍ତ ବ୍ଲକ ବଡ଼ହାଟତ୍ରିଲୋଚନପୁର ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଜବରଦଖଲ ବାଧା ସୃଷ୍ଟି କରୁଥିବା ଖବର ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରୀ କରାଯାଉଥିଲେ । କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପଂଚାୟତରେ ସରକାରଙ୍କ ଅନୁଦାନ ରାଶିର କାର୍ଯ୍ୟ ପାଇଁ ସରକାରୀ ଜମି ଯୋଗାଇ ଦେବା ନିମନ୍ତେ ସରପଞ୍ଚ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି । ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ;ବର୍ଷ ୨୦୨୩-୨୪ରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବିଟିପୁର ସୁଲଭ ଶୌଚାଳୟ ନିକଟରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ୪ଲକ୍ଷ ଟଙ୍କା ମଂଜୁର ହୋଇଅଛି । ତତ୍ ସହିତ ପଂଚାୟତ ସଂକଳ୍ପ ଥିମରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୫୦ହଜାର ଅର୍ଥ ରାଶି ମଧ୍ୟ ମଂଜୁର ହୋଇଅଛି। କିନ୍ତୁ ବିଟିପୁର ମୌଜାର ମୁଖ୍ୟ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା,କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ୨୭୦,ପ୍ଲଟ ନଂ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଅଛି । ସୁଲଭ ଶୌଚାଳୟ ସମ୍ମୁଖରେ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ଅବଶିଷ୍ଟ ପରିତ୍ୟକ୍ତ ତଥା ଖାଲି ପଡ଼ିଥିବା ଉକ୍ତ ପ୍ଲଟର ପାଖାପାଖି ଏ୦.୩୨ଡ଼ି.ମଧ୍ୟରୁ ଏ ୦.୦୭ଡ଼ି. ଜମିରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ନିର୍ମାଣ ପାଇଁ ସ୍ଥିର ହୋଇଥିଲେ ସୁଦ୍ଧା ଉକ୍ତ ରାସ୍ତା ଜବରଦଖଲକାରୀଙ୍କ କବଜାରେ ଥିବାରୁ ( କିଛି ଉଠା ଦୋକାନୀ) ସୁଲଭ ଶୌଚାଳୟ ନିର୍ମାଣ ସଂପୂର୍ଣ୍ଣ ହୋଇପାରୁନାହିଁ । ସେହିପରି ସରକାରୀ ଅନୁଦାନରେ



ଏଏନଏମ ସେଣ୍ଟର ଓ କନିଷ୍ଠଯନ୍ତ୍ରୀଙ୍କ କ୍ୱାର୍ଟର ଆଦି ନିର୍ମାଣ ହୋଇଥିଲେ ସୁଦ୍ଧା ଏହାର ସମ୍ମୁଖ ଭାଗ ମଧ୍ୟ ଜବରଦଖଲରେ ଅଛି । ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ପଞ୍ଚାୟତ ତରଫରୁ ବହୁବାର ତହସିଲଦାର,ବନ୍ତଙ୍କୁ ଅବଗତ କରାଯିବା ସହିତ ବିଧାୟକଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ପରେ ବିଧାୟକ ପତ୍ର ସଂଖ୍ୟା ୩୫/୨୦୨୪, ତା୦୯.୦୮.୨୪ରେ ତହସିଲଦାର,ବନ୍ତଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଥିଲେ କିନ୍ତୁ ୭ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପଂଚାୟତ ପକ୍ଷରୁ ଗତ ଜାନୁଆରୀ ମାସରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ଜିଲ୍ଲାପାଳ ବ୍ଲକ ପ୍ରଶାସନକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ପ୍ରଶାସନ ପତ୍ର ସଂଖ୍ୟା ୩୦୭, ତା୩୦.୦୧.୨୦୨୫ରେ ତହସିଲଦାରଙ୍କୁ ଜାଗା ଚିହ୍ନଟ କରିବା ସହ ଜବରଦଖଲରେ ଥିବା ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ । କିନ୍ତୁ ୨ମାସରୁ ଅଧିକ ସମୟ ବିତିଯିବା ପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପଞ୍ଚାୟତ ପକ୍ଷରୁ ଗତ ଏପ୍ରିଲ ମାସରେ ଜିଲ୍ଲାପାଳଙ୍କୁ ପୁନଃ ସାକ୍ଷାତ କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ବାରମ୍ବାର ନୋଟିସ ଜାରୀ ହେଉଛି କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ। ଗତ ଅଗଷ୍ଟ ମାସ ୮ତାରିଖରେ ଉଚ୍ଛେଦ ପାଇଁ ନୋଟିସ ଜାରୀ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେଣୁ କେଉଁ କାରଣରୁ ଓ କେଉଁ ଉଦ୍ଦେଶ୍ୟରେ ଉଚ୍ଛେଦ ପ୍ରକ୍ରିୟାରେ ବାଧା ଉପୁଜୁଛି ତାହାର ବିଧିବଦ୍ଧ ତଦନ୍ତ କରିବା ସହ ପଂଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ସରପଞ୍ଚ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ଏବଂ ଏହାର ଏକ କିତା ନକଲ ସାଂସଦ,ବିଧାୟକ ଏବଂ ରାଜସ୍ୱ ବିଭାଗକୁ ପ୍ରେରଣ କରିଥିବା ଜଣାପଡ଼ିଛି । ଅପର ପକ୍ଷରେ ଉକ୍ତ ଉଚ୍ଛେଦ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟାକୁ ନେଇ ତହସିଲଦାର,ବନ୍ତଙ୍କୁ ଯୋଗାଯୋଗ କରିବାରୁ ଉଚ୍ଛେଦ ପାଇଁ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ବିଭାଗ ପକ୍ଷରୁ ତାହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରୀ ହୋଇଛି । ଯଦିବି କିଛି ସମସ୍ୟା ଦେଖା ଦେଇଛି ତାହାର ସମାଧାନ ଯଥା ଶୀଘ୍ର କରାଯାଇ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ ।

## ଘୁମୁସର ଜିଲ୍ଲା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବୁଗୁଡା ,୧୭।୯ (ନିପ୍ର): ଘୁମୁସର ଜିଲ୍ଲା ପ୍ରତିଷ୍ଠା ଦାବି କରି ବୁଗୁଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବୁଗୁଡା ବ୍ଲକ ଓ ଏନଏସିର ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ ଓ ସାମ୍ବାଦିକ ବୃନ୍ଦ ଏକ ବୈଠକରେ ଏକାଠି ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ବୁଗୁଡା ତହସିଲଦାର ତାପସ ରାଉତଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ସ୍ୱାକ୍ତର ମୁଖ୍ୟ ଚିତ୍ତରଞ୍ଜନ ଦାସଙ୍କ ଆହ୍ୱାନ ଓ ସଂଯୋଜନା କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର, ଘୁମୁସର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଭଞ୍ଜନଗର ଘୁମୁସର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ଗୋବିନ୍ଦ ଚନ୍ଦ୍ର ଲେଙ୍କା ଓ ରବି ନାରାୟଣ ସାମନ୍ତ ଯୋଗଦେଇ ଘୁମୁସର ଜିଲ୍ଲା ଦାବି ନେଇ ବିଭିନ୍ନ ସମୟରେ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ପ୍ରକାଶ କରିଥିଲେ। ବୈଠକରେ ବୁଗୁଡା ଆଇନଜୀବୀ ସଂଘ ପକ୍ଷରୁ ଭକ୍ତରାମ ଦାସ, ଅମର କୁମାର ପଟ୍ଟନାୟକ (ସଭାପତି), ପ୍ରଭାତ କୁମାର ଜେନା, ସୀମାଞ୍ଚଳ ନନ୍ଦ (ସମ୍ପାଦକ), ସତ୍ୟନାରାୟଣ ମିଶ୍ର (ଉପସଭାପତି), ପ୍ରକାଶ ଚନ୍ଦ୍ର ଭୂୟାଁ ଓ ଶ୍ରୀକାନ୍ତ କୁମାର ଶତପଥୀ, ବୁଦ୍ଧିଜୀବୀ ଅବସର ପ୍ରାପ୍ତ ପ୍ରିନ୍ସପାଲ ରଘୁନାଥ ସାହୁ ଓ ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର, ଚେମ୍ବର ଅଫ କମର୍ସ ପକ୍ଷରୁ ସଭାପତି ସତ୍ୟନାରାୟଣ ଦାଶ, ଏସ ମନୋଜ କୁମାର ପୃଷ୍ଟି ଓ ପ୍ରଦୀପ କୁମାର ପୃଷ୍ଟି ଏବଂ ପ୍ରେସ ବ୍ଲକ ସଭାପତି ଅନିଲ କୁମାର ମହାରଣାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ପରେ ସଭା ଶେଷରେ ସମସ୍ତେ ତହସିଲ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଘୁମୁସର ଜିଲ୍ଲା ଘୋଷଣା କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ।



## ୧୪ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୧୭।୯ (ନିପ୍ର): ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଅଙ୍ଗନୱାଡ଼ି କେନ୍ଦ୍ର ସମୂହ ଶୁଭ ଉଦଘାଟନ ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଦ୍ୱାରା ରାଜ୍ୟର ୯୧୩ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଶୁଭ ଉଦଘାଟନ କରିଛନ୍ତି । ଏଥି ମଧ୍ୟରୁ ଗଜପତି ଜିଲ୍ଲାରୁ ୧୪ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଅଛି। ସେଥି ମଧ୍ୟରୁ ମୋହନା-୨ ,ନୂଆଗଡ-୨, ଗୋସାଣୀ-୩, ରା.ଉଦୟଗିରି- ୨, ରାୟଗଡ଼-୩ ଓ ଗୁମ୍ମା -୨ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଉଘାଟନ ହୋଇଯାଇଛି। ଏହି କେନ୍ଦ୍ର ଗୁଡିକର ସମସ୍ତ ମୌଳିକ ସୁବିଧା ସହିତ ସୁସଜ୍ଜିତ ନୂତନ କୋଠା ତଥା ପିଇବା ପାଣି, ବିଦ୍ୟୁତ୍‌କରଣ ଓ ସୁସ୍ଥ ପରିବେଶ ରହିଅଛି। ଏହି ଅବସରରେ ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲ୍ଲାର ସମସ୍ତ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଓ ପର୍ଯ୍ୟବେକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ତାଳଚେର ପବିତ୍ର ମୋହନ ସରକାରୀ ମେଡିକାଲ କଲେଜ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

- ଅନୁଗୋଳ ଜିଲ୍ଲାରେ ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି
- ଏହି ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ
- ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ

ତାଳଚେର,୧୭।୯ (ନିପ୍ର): ଅନୁଗୋଳ ଜିଲ୍ଲା ତାଳଚେର ପବିତ୍ର ମୋହନ ସରକାରୀ ମେଡିକାଲ କଲେଜ ଚଳିତ ଶିକ୍ଷାବର୍ଷରୁ ୧୦୦ଟି ଏମବିବିଏସ ସିଟ୍ ନାମ ଲେଖାଇବା ପାଇଁ 'ଜାତୀୟ ମେଡିକାଲ କମିଶନ' ମଞ୍ଜୁରୀ ଦେବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଜିଲ୍ଲାରେ ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି । ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ତାଳଚେର ଜିଲ୍ଲାରେ ମେଡିକାଲର ସ୍ୱପ୍ନ ପୂରଣ ହୋଇପାରିଛି । ନିକଟରେ ରାଜ୍ୟ ସରକାରଙ୍କ ଆବେଦନ କ୍ରମେ ଏହି ମେଡିକାଲ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ୧୦୦ଟି ଏମବିବିଏସ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଜାତୀୟ ମେଡିକାଲ କମିଶନ ମଞ୍ଜୁରୀ ଦେଇଛନ୍ତି, ଯାହା ଖୁସିର ବିଷୟ । ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି । ପୁରୁଣା ତାଳଚେର ନେହେରୁ ଶତାବ୍ଦୀ ହସ୍ପିଟାଲକୁ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମକରଣ କରାଯାଇ ଏହି ମେଡିକାଲକୁ ବିକଶିତ କରାଯାଇଛି । ଏହା ଜିଲ୍ଲା ଓ ରାଜ୍ୟ ପାଇଁ ଡବଲ ଇଞ୍ଜିନ ସରକାର ବହୁତ ବଡ଼ ଉପଲବ୍ଧି । ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ ।

ଏହି ନିର୍ଣ୍ଣୟ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନଙ୍କୁ ତାଳଚେର ମେଡିକାଲ କଲେଜର ସ୍ୱପ୍ନ ପୂରଣ କରିବା ପାଇଁ ପ୍ରଚେଷ୍ଟା କରିଥିବାରୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଥିଲେ ।



## ଯକ୍ଷ୍ମାମୁକ୍ତ ଗ୍ରାମ ପଞ୍ଚାୟତ ନିମନ୍ତେ ସଚେତନତା

ରାୟଗଡା,୧୭।୯ (ନିପ୍ର): ଯକ୍ଷ୍ମାମୁକ୍ତ ଗ୍ରାମ ପଞ୍ଚାୟତ ନିମନ୍ତେ ସଚେତନତା ତାଲିମ ଅନୁଷ୍ଠିତ ରାୟଗଡ଼ ବ୍ଲକ ସଦଭାବନା ଗୃହରେ ଯକ୍ଷ୍ମାମୁକ୍ତ ଗ୍ରାମ ପଞ୍ଚାୟତ ନିମନ୍ତେ ସଚେତନତା ତାଲିମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଶ୍ରୀ ଟୁନି ହୁଇକା ଏହାର ଉଦଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନରେ ଏହାର ଭୂମିକା ବିଷୟରେ କହିଥିଲେ । ପି ଏ ଗୋପାଳ ପଣ୍ଡା, ବିଭାଗୀୟ ଅଧିକାରୀ ରାଜକିଶୋର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

## ଦକ୍ଷିଣାଞ୍ଚଳ ଜୋନସ୍ତରୀୟ ରାଜସ୍ୱ ବିଭାଗ କର୍ମଶାଳା

# 'ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ'

ଛତ୍ରପୁର,୧୭।୯ (ନିପ୍ର) : ଓଡିଶା ସରକାରଙ୍କ ରାଜସ୍ୱ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ଦକ୍ଷିଣାଞ୍ଚଳ ଜୋନ ସ୍ତରୀୟ ରାଜସ୍ୱ ବିଭାଗର ସମ୍ମିଳନୀ ଓ କର୍ମଶାଳାରେ ଏହା ପରାମର୍ଶ ଦେଇଛନ୍ତି। ଲୋକଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ସହ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ କାମ କରିବାକୁ ମନ୍ତ୍ରୀ ଏହି ଅବସରରେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡିବ ଆପଣମାନେ ନିଜର ମାନସିକତା ବଦଳାନ୍ତୁ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ବର୍ତ୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ । ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ । ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ । ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ସମସ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇ କହିଥିଲେ ଯେ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର



ହେବା ଆବଶ୍ୟକ ଅଛି । ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ – ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ । ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ । ଜମିଜମା ସଂକ୍ରାନ୍ତିୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ। ଆମ ସରକାର ରାଜସ୍ୱ ବିଭାଗକୁ ଅଧିକ ସୁଦୃଢ ଓ ଶକ୍ତି ଶାଳୀ, ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହିତ କରିବାକୁ ହେବ, ଏହା ସହିତ କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ । ଆସନ୍ତା ୨୭ରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଞ୍ଜାମ ଗସ୍ତରେ ଆସୁଛନ୍ତି, ତାଙ୍କର ରାଜ୍ୟକୁ ଏହା ସପ୍ତମ ଥର ଗସ୍ତ ହେବ, ଓଡିଶାକୁ ଅଧିକ ଭଲ ପାଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ। କର୍ମଶାଳାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆର ଡିସି ସଂଗ୍ରାମ କେଶରୀ ମହାପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା,କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର, ସବରେଜିଷ୍ଟର ଓ ରେଜିଷ୍ଟର ମାନେ ଉପସ୍ଥିତ ଥିଲେ।

18.09.2025.pmd 1 9/17/2025, 3:26 PM

## ନଡ଼ା ଜଳାଇବାକୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

# କିଛି ଚାଷୀଙ୍କୁ ଜେଲ୍ ପଠାଇଲେ ଅନ୍ୟମାନେ ସଜାଗ ହେବେ



ନୂଆଦିଲ୍ଲୀ, ୧୭।୯: ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ସମ୍ପର୍କିତ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ, ନଡ଼ା ପୋଡ଼ିବା ସମସ୍ୟାର ସମାଧାନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଶୁଣାଣି ସମୟରେ କୋର୍ଟ କହିଛନ୍ତି, କିଛି ଚାଷୀଙ୍କୁ ଜେଲ୍ ପଠାଇବା ଦ୍ୱାରା ଅନ୍ୟ ଚାଷୀମାନଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯିବ ଯେ, ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ। ବରିଷ୍ଠ ଆଇନଜୀବୀ ରାହୁଲ ମେହରା ଦର୍ଶାଇଥିଲେ, ପୂର୍ବରୁ ଅନେକ ଚାଷୀଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଅଧିକାଂଶ ଛୋଟ ଚାଷୀ ଥିଲେ। କେତେକଙ୍କର ବହୁତ କମ୍ ଜମି ଅଛି, ଏବଂ ଯଦି ସେମାନଙ୍କୁ ଜେଲ୍ ପଠାଯାଏ, ତେବେ ସେମାନଙ୍କ ପରିବାରର କ'ଣ ହେବ? ସିଜେଆଇ ବିଆର ଗଭାଇ ପ୍ରତିକ୍ରିୟାରେ କହିଥିଲେ, କୋର୍ଟ ନିୟମିତ ଗିରଫଦାରୀ ବିଷୟରେ କହୁନାହାନ୍ତି, ବରଂ କେବଳ ନଡ଼ା ପୋଡ଼ିବା ହ୍ରାସ କରିବା ଏବଂ ଏପରି କରୁଥିବା ଲୋକଙ୍କ ମଧ୍ୟରେ ଜେଲ୍ ଭୟ ସୃଷ୍ଟି କରିବା ପାଇଁ ଏକ ଦୃଢ଼ ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ସେ କହିଛନ୍ତି, ଯଦି ପରିବେଶ ସୁରକ୍ଷା ଆମର ପ୍ରାଥମିକତା, ତେବେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନରୁ କାହିଁକି ଦୂରେଇ ଯିବା? ଶୁଣାଣି ସମୟରେ, ସିଜେଆଇ ଏହା ମଧ୍ୟ କହିଛନ୍ତି ଯେ, ନଡ଼ାକୁ ଜୈବ ଇନ୍ଧନ ଭାବରେ ବ୍ୟବହାର କରାଯାଇପାରିବ। ଖବରକାଗଜ ରିପୋର୍ଟକୁ ଉଲ୍ଲେଖ କରି ସେ କହିଛନ୍ତି, ଏଥିପାଇଁ ଏକ ଲମ୍ବା ପ୍ରକ୍ରିୟାର ଆବଶ୍ୟକତା ନାହିଁ। କୃଷକମାନଙ୍କୁ ସମ୍ମାନ ଦେବା ଅତ୍ୟନ୍ତ ଜରୁରୀ କାରଣ ସେମାନଙ୍କ କଠିନ ପରିଶ୍ରମ ଦେଶର ଲୋକଙ୍କୁ ଖାଦ୍ୟ ଯୋଗାଇଥାଏ, କିନ୍ତୁ ପରିବେଶକୁ ସୁରକ୍ଷା ଦେବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଆମିକସ୍ କ୍ୟୁରି ଅପରାଜିତା ସିଂହ କୋର୍ଟକୁ କହିଥିଲେ ଯେ, କେନ୍ଦ୍ର ସରକାର ଚାଷୀମାନଙ୍କୁ ଉପକରଣ ଏବଂ ସବସିଡି ଯୋଗାଇ ଦେଇଛନ୍ତି, ନିଗମଗୁଡ଼ିକୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ଏବଂ ବ୍ୟକ୍ତିଗତ ଚାଷୀମାନଙ୍କୁ ୫୦ ପ୍ରତିଶତ ସବସିଡି ପ୍ରଦାନ କରିଛନ୍ତି, କିନ୍ତୁ ନଡ଼ା ପୋଡ଼ିବା ସମସ୍ୟା ଜାରି ରହିଛି। ସିଜେଆଇ କହିଛନ୍ତି, ଯଦି ଶୀଘ୍ର ନିଷ୍ପତ୍ତି ନିଆ ନଯାଏ, ତେବେ ସୁପ୍ରିମକୋର୍ଟ ନିଜସ୍ୱ ନିର୍ଦ୍ଦେଶ ଜାରି କରିବେ। ଏଏସ୍‌ଜି ଭାଟି କୋର୍ଟଙ୍କୁ ଷ୍ଟାଟସ୍ ରିପୋର୍ଟ ଉପସ୍ଥାପନ ପରେ ପରବର୍ତ୍ତୀ ସପ୍ତାହରେ ମାମଲାର ଶୁଣାଣି କରିବାକୁ ଅନୁରୋଧ କରିଥିଲେ। କୋର୍ଟ ଏନେଇ ସହମତ ହୋଇଥିଲେ। ସୁପ୍ରିମକୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ପରଠାରୁ ଅନେକ ନିର୍ଦ୍ଦେଶ ଜାରି କରାଯାଇଛି, କିନ୍ତୁ ସମସ୍ୟା ସମାନ ରହିଛି।

## ଟ୍ରକ-କାର୍ ମୁହାଁମୁହିଁ ଧକ୍କା
## ଗୋଟିଏ ପରିବାରର ୭ ମୃତ

ନେଲୋର, ୧୭।୯: ବୁଧବାର ଦିନ ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲାରେ ଏକ ବାଲି ବୋଝେଇ ଟ୍ରକ୍ ଏବଂ ଏକ କାର ମଧ୍ୟରେ ଧକ୍କା ହେବା ଫଳରେ ଗୋଟିଏ ପରିବାରର ସାତ ଜଣଙ୍କର ମୃତ୍ୟୁ ହୋଇଛି। ସଙ୍ଗମ ମଣ୍ଡଳ ନିକଟରେ ଟ୍ରକ୍ କାର ସହିତ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ସମସ୍ତ ସାତ ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସ ଅନୁଯାୟୀ, ମୃତକମାନେ ନେଲୋର ସହରର ବାସିନ୍ଦା ଏବଂ ଆତ୍ମକୁର ସରକାରୀ ହସ୍ପିଟାଲକୁ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଉଥିଲେ। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ନେଲୋର ଜିଲ୍ଲାର ସଙ୍ଗମ ମଣ୍ଡଳ ନିକଟରେ ଏକ ବାଲି ବୋଝେଇ ଟ୍ରକ୍ ଏକ କାର ସହିତ ଧକ୍କା ହେବା ଫଳରେ ଗୋଟିଏ ପରିବାରର ସାତ ଜଣଙ୍କର ମୃତ୍ୟୁ ହୋଇଛି। ସେ କହିଛନ୍ତି ଯେ ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି। ଧକ୍କା ଏତେ ତୀବ୍ର ଥିଲା ଯେ କାରଟି ଟ୍ରକ ତଳେ ଚାପି ହୋଇଯାଇଥିଲା । ଦୁର୍ଘଟଣା ସମୟରେ କାରଟି ନେଲୋରରୁ କଡପା ଅଭିମୁଖେ ଯାତ୍ରା କରୁଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଦୁଃଖ ପ୍ରକାଶ କରିଛନ୍ତି। ସେ ଶୋକସନ୍ତପ୍ତ ପରିବାରକୁ ସହାୟତା ଯୋଗାଇବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରବାବୁ ଦୁର୍ଘଟଣାର ବିସ୍ତୃତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଦାୟୀ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି।

## ଦିଶାଙ୍କ ଘର ବାହାରେ ଗୁଳିଚାଳନା ମାମଲା
## ଏନକାଉଣ୍ଟରରେ ଦୁଇ ସୁଟର ନିହତ



ଗାଜିଆବାଦ, ୧୭।୯: ଅଭିନେତ୍ରୀ ଦିଶା ପଟାନୀଙ୍କ ବାରେଲୀସ୍ଥିତ ଘର ବାହାରେ ଗତ ଶୁକ୍ରବାର ଗୁଳିଚାଳନ କରିଥିବା ଦୁଇ ସୁଟରଙ୍କୁ ଏନକାଉଣ୍ଟର କଲା ପୋଲିସ। ଦିଲ୍ଲୀ ପୋଲିସ, ଉତ୍ତରପ୍ରଦେଶ ଏସଟିଏଫ ଓ ହରିୟାଣା ଏସଟିଏଫର ମିଳିତ ଅଭିଯାନରେ ଗାଜିଆବାଦର ଟ୍ରୋନିକା ସିଟି ନିକଟରେ ଆଜି ସୁଟର ଦ୍ୱୟଙ୍କୁ ଏନକାଉଣ୍ଟର କରାଯାଇଥିଲା। ଏହି ଦୁଇ ସୁଟର ଗୁଳିବିଦ୍ଧ ହୋଇ ଗୁରୁତର ଆହତ ହେବା ପରେ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ପୋଲିସ ଏନକାଉଣ୍ଟର ସ୍ଥାନରୁ ଏକ ଗ୍ଲକ ପିସ୍ତଲ ଏକ ଜିଗାନା ପିସ୍ତଲ ଓ କିଛି ଜୀବନ୍ତ ଗୁଳି ଜବତ କରିଛି। ଏହି ସୁଟରମାନେ ରୋହିତ ଗୋଦାରା-ଗୋଲ୍ଡି ବ୍ରାର ଗ୍ୟାଙ୍ଗର ସଦସ୍ୟ ଥିଲେ।

## ଉତ୍ତରାଖଣ୍ଡରେ ତାଣ୍ଡବ ରଚିଛି ବର୍ଷା
## ଭାଙ୍ଗିଗଲା ରାସ୍ତା, ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି

ନୂଆଦିଲ୍ଲୀ ୧୭।୯; ଉତ୍ତରାଖଣ୍ଡରେ ଲଗାତାର ବର୍ଷା ପରିସ୍ଥିତିକୁ ଖରାପ କରିଦେଇଛି। ଦୁଇ ଦିନ ଧରି ବର୍ଷା ଡେରାଡୁନ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଏବଂ ବାଦଲ ଫାଟିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ନଦୀ ପ୍ରବାହିତ ହୋଇ ଘର, ରାସ୍ତା ଏବଂ ପୋଲ ଭାସି ଯାଇଛି। ଏପର୍ଯ୍ୟନ୍ତ ଏହି ବିପର୍ଯ୍ୟୟରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି। ସେପଟେ ୧୬ ଜଣ ନିଖୋଜ ଅଛନ୍ତି। ପ୍ରାୟ ୯୦୦ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଡେରାଡୁନ୍-ମସୁରୀ ରାସ୍ତା ସମେତ ଅନେକ ରାସ୍ତା କ୍ଷତିଗ୍ରସ୍ତ ହୋଇଛି ଏବଂ ପୋଲ ଧୋଇ ହୋଇଯାଇଛି। ଯାହା ଯାତାୟାତକୁ ଗୁରୁତର ଭାବରେ ବାଧା ସୃଷ୍ଟି କରିଛି।

## ମୋଦିଙ୍କୁ ମିଳିଥିବା ଉପହାରର ଇ-ନିଲାମ
## ତାଲିକାରେ ଅଛି ୧୩ ଶହରୁ ଅଧିକ ଜିନିଷ



ନୂଆଦିଲ୍ଲୀ, ୧୭।୯: ନିଲାମ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ବିଭିନ୍ନ ଉପହାର। ଏହି ତାଲିକାରେ ୧୩୦୦ ରୁ ଅଧିକ ଜିନିଷ ରହିଛି। ବୁଧବାର ଦିନ ଏଥିପାଇଁ ଇ-ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜିନିଷ ଗୁଡ଼ିକ ମଧ୍ୟରେ ଦେବୀ ଭବାନୀଙ୍କ ପ୍ରତିମୂର୍ତ୍ତି, ଅଯୋଧ୍ୟାର ରାମ ମନ୍ଦିରର ଏକ ମଡେଲ ଏବଂ ୨୦୨୪ ପାରାଅଲିମ୍ପିକ୍ ଗେମ୍ସର କ୍ରୀଡା ସ୍ମାରକୀ ଅନ୍ତର୍ଭୁକ୍ତ। ଅଧିକାରୀମାନେ କହିଛନ୍ତି ଯେ ଅନଲାଇନ୍ ନିଲାମର ସପ୍ତମ ସଂସ୍କରଣ ମୋଦିଙ୍କ ଜନ୍ମଦିନ ସହିତ ହେଉଛି , ଯାହାକି ବୁଧବାର ଦିନ ୭୫ ବର୍ଷ ବୟସରେ ପାଦ ଦେଇଛନ୍ତି ମୋଦି । ତେବେ ଏହି ଇ-ନିଲାମ ଅକ୍ଟୋବର ୨ ପର୍ଯ୍ୟନ୍ତ ଜାରି ରହିବ। ପିଏମ ମମେଣ୍ଟୋସ୍ ୱେବସାଇଟ୍ ଅନୁଯାୟୀ, ଦେବୀ ଭବାନୀଙ୍କ ପ୍ରତିମୂର୍ତ୍ତିର ମୂଳ ମୂଲ୍ୟ ୧,୦୩,୯୫,୦୦୦, ଟଙ୍କା ଯେତେବେଳେ କି ରାମ ମନ୍ଦିରର ମଡେଲର ମୂଳ ମୂଲ୍ୟ ୫.୫ ଲକ୍ଷ ରହିଛି। ସଂସ୍କୃତି ମନ୍ତ୍ରଣାଳୟର ଅଧିକାରୀମାନେ କହିଛନ୍ତି ଯେ, ପାରାଅଲିମ୍ପିକ୍ ପଦକ ବିଜେତାଙ୍କ ତିନି ଯୋଡ଼ା ଜୋତା ସହିତ ଏହି ଦୁଇଟି ଜିନିଷ ଶ୍ରେଷ୍ଠ ପାଞ୍ଚଟି ମଧ୍ୟରେ ରହିଛି। ପ୍ରତ୍ୟେକ ଯୋଡ଼ାର ମୂଳ ମୂଲ୍ୟ ୭.୭ ଲକ୍ଷ ରହିଛି। ଇ-ନିଲାମରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ଜମ୍ମୁ ଏବଂ କାଶ୍ମୀରର ଏକ ଏମ୍ବ୍ରୋଡେରୀ ପଶ୍ମିନା ଶାଲ, ରାମ ଦରବାରର ଏକ ତାଞ୍ଜୋର ଚିତ୍ର, ଏକ ଧାତୁ ନଟରାଜ ପ୍ରତିମୂର୍ତ୍ତି, ଜୀବନ ବୃକ୍ଷକୁ ଚିତ୍ରିତ କରୁଥିବା ଗୁଜରାଟର ଏକ ରୋଗନ କଳା ଏବଂ ଏକ ହାତବୁଣା ନାଗା ଶାଲ ଅନ୍ତର୍ଭୁକ୍ତ।

## ବିହାର କଂଗ୍ରେସକୁ ବଡ ଝଟ୍‌କା
## ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମା'ଙ୍କ ଏଆଇ ଭିଡ଼ିଓ ହଟାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୭।୯: ପାଟନା ହାଇକୋର୍ଟରୁ ବିହାର କଂଗ୍ରେସକୁ ଲାଗିଛି ବଡ ଝଟକା । ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ମାଆଙ୍କ ଏଆଇ ଦ୍ୱାରା ନିର୍ମିତ ଭିଡ଼ିଓ ହଟାଇବାକୁ କଂଗ୍ରେସକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସମ୍ପ୍ରତି କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ସ୍ୱର୍ଗତ ମାଆ ହୀରା ବେନ୍‌ଙ୍କ ଏକ ଏଆଇ ଭିଡ଼ିଓ ତିଆରି କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲା । ଆଜି ଏହି ମାମଲାରେ ପାଟନା ହାଇକୋର୍ଟରେ ଶୁଣାଣି ସମୟରେ କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ପାଟନା ହାଇକୋର୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଚାରପତି ପିବି ବଜନ୍ତରୀ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରୁ ଭିଡ଼ିଓ ହଟାଇବାକୁ କଂଗ୍ରେସକୁ ନିର୍ଦ୍ଦେଶ ଦେଇଛନ୍ତି । ବିହାର କଂଗ୍ରେସ ନିଜର ଏକ୍ସ ପ୍ଲାଟଫର୍ମରେ ଏକ ଭିଡ଼ିଓ ଜାରି କରିଥିଲା । ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱର୍ଗତ ମାଆଙ୍କୁ ସ୍ୱପ୍ନରେ ଦେଖାଯାଉଛି ଏବଂ ବିହାରରେ ତାଙ୍କ ରାଜନୀତିକୁ ସମାଲୋଚନା କରାଯାଉଛି । ଏହି ଭିଡିଓ ଭାଇରାଲ ହେବା ପରେ ବିଜେପି କଂଗ୍ରେସ ଦଳକୁ ଟାର୍ଗେଟ କରିଥିଲା । ଏହା ଲଜ୍ଜାଜନକ ବୋଲି କହିବା ସହ କଂଗ୍ରେସ ଦଳ ଏହି ବିଷୟକୁ ନେଇ ସ୍ପଷ୍ଟ କରି କହିଥିଲା ଯେ ଭିଡ଼ିଓରେ ପ୍ରଧାନମନ୍ତ୍ରୀ କିମ୍ବା ତାଙ୍କ ମାଆଙ୍କ ପ୍ରତି କୌଣସି ଅସମ୍ମାନ ଦେଖାଯାଇ ନାହିଁ । କଂଗ୍ରେସ ନେତା ପବନ ଖେରା ପଚାରିଥିଲେ ଯେ ଭିଡ଼ିଓକୁ ନେଇ ସେମାନଙ୍କର କ'ଣ ଆପତ୍ତି ଅଛି ।

## ଏଆଇକୁ ନେଇ ଚୀନର ଚେତାବନୀ
## ସହଜରେ ପରମାଣୁ ଅସ୍ତ୍ର ତିଆରି କରିପାରିବେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୭।୯: ସାରା ବିଶ୍ୱର ସେନା ସେମାନଙ୍କର ଅସ୍ତ୍ରଶସ୍ତ୍ର ଏବଂ କୌଶଳ ବୃଦ୍ଧି କରିବାକୁ ଏଆଇ ବ୍ୟବହାର କରୁଛନ୍ତି । ଏହାର ସଦ୍ୟତମ ଉଦାହରଣ ହେଉଛି ଜୁନ୍ ମାସରେ ହୋଇଥିବା ଇରାନ-ଇସ୍ରାଏଲ ଯୁଦ୍ଧ । ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପାଇଁ ଏଆଇ-ଚାଳିତ ଅସ୍ତ୍ରଶସ୍ତ୍ର ମଧ୍ୟ ବ୍ୟବହାର କରିଥିଲା । କିନ୍ତୁ ଚୀନର ଚେତାବନୀ ଏବେ ଏକ ବହୁତ ବଡ଼ ବିପଦକୁ ଇଙ୍ଗିତ କରୁଛି । ଚୀନ୍ ଚେତାବନୀ ଦେଇଛି ଯେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆତଙ୍କବାଦୀମାନଙ୍କୁ ପରମାଣୁ କ୍ଷେପଣାସ୍ତ୍ର ଭଳି ସମଗ୍ର ବିଶ୍ୱକୁ ଧ୍ୱଂସ କରିପାରୁଥିବା ଅସ୍ତ୍ର ବିକଶିତ କରିବାରେ ସକ୍ଷମ କରିପାରେ। ନିକଟରେ ପ୍ରକାଶିତ ଏଆଇ ସୁରକ୍ଷା ଡକ୍ୟୁମେଣ୍ଟରେ ସାଇବର ସୁରକ୍ଷା ଅଧିକାରୀମାନେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ଏଆଇକୁ ନିୟନ୍ତ୍ରଣ କରାନଯାଏ ତେବେ ପରମାଣୁ, ଜୈବିକ, ରାସାୟନିକ ଏବଂ କ୍ଷେପଣାସ୍ତ୍ର ଅସ୍ତ୍ର ସହ ଜଡିତ ବିପଦପୂର୍ଣ୍ଣ ଜ୍ଞାନ ସାଧାରଣ ଲୋକ ଏବଂ ଆତଙ୍କବାଦୀ ସଂଗଠନମାନଙ୍କ ପାଖରେ ପହଞ୍ଚିପାରେ ।

## ଦୁଇ ଦିନରେ ଗାଜାରେ ୧୫୦ ରୁ ଅଧିକ ଆକ୍ରମଣ
## ସହର ଛାଡ଼ିଲେ ୪ ଲକ୍ଷ ଲୋକ

ନୂଆଦିଲ୍ଲୀ, ୧୭।୯: ଗାଜା ଉପରେ ଜାରି ରହିଛି ଇସ୍ରାଏଲର ଜୋରଦାର ଆକ୍ରମଣ। ଗତ ଦୁଇ ଦିନ ଭିତରେ ଇସ୍ରାଏଲ ଗାଜା ଉପରେ ୧୫୦ ରୁ ଅଧିକ ବୋମା ମାଡ଼ ହୋଇଛି। ସ୍ଥିତି ଏଭଳି ଯେ, ଗାଜାରୁ କିଛି ଦିନ ଭିତରେ ହିଁ ୪ ଲକ୍ଷ ଲୋକ ପଳାୟନ କରିସାରିଲେଣି, ଯାହାକି ସେଠାର ୪୦% ଜନସଂଖ୍ୟା। ଇସ୍ରାଏଲ ଡିଫେନ୍ସ ଫୋର୍ସ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଗତ ଦୁଇ ଦିନ ଭିତରେ ହିଁ ଗାଜାରେ ୧୫୦ଟି ଆକ୍ରମଣ କରିଛି ଇସ୍ରାଏ। ଗତ ରାତିରେ ଇସ୍ରାଏଲ ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଇସ୍ରାଏଲୀ ସେନାର କହିବା ଅନୁସାରେ ସେ ନିଜର ଆକ୍ରମଣରେ ସମସ୍ତ ସୁଡଙ୍ଗକୁ ଟାର୍ଗେଟ କରିଛି। ବହୁ ବିଲ୍ଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ସବୁ ବିଲ୍ଡିଂରେ ହମାସ ଆତଙ୍କୀ ଲୁଚି ରହିଥିଲେ। ଆମର ସୁରକ୍ଷା ବାହିନୀ ଲଗାତାର ଆତଙ୍କୀ ଶେଷ କରୁଛନ୍ତି। ଏପର୍ଯ୍ୟନ୍ତ ଆତଙ୍କୀ ସଂଗଠନର ବହୁ ଆଡ୍‌ଡାକୁ ଧ୍ୱଂସ କରି ଦିଆଯାଇଛି। ଗାଜାକୁ ହମାସର ଶକ୍ତି କେନ୍ଦ୍ର କୁହାଯାଏ। ଏଭଳି ସ୍ଥିତିରେ ଗାଜାକୁ ଟାର୍ଗେଟ କରିବାକୁ ହେବ।

## ବିଏମଡବ୍ଲୁ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଝଟକା
## ଆସନ୍ତା ୨୭ ଯାଏଁ ରହିବେ ବିଚାରବିଭାଗୀୟ ହାଜତରେ



ନୂଆଦିଲ୍ଲୀ ୧୭।୯: ଦିଲ୍ଲୀ ବିଏମଡବ୍ଲୁ ଦୁର୍ଘଟଣାର ମୁଖ୍ୟ ଅଭିଯୁକ୍ତ ଗଗନପ୍ରୀତ କୌରଙ୍କୁ ଝଟକା ଲାଗିଛି। କୋର୍ଟ ତାଙ୍କୁ ସେପ୍ଟେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅର୍ଥମନ୍ତ୍ରାଳୟ ଅଧିକାରୀ ନଭଜୋତ ସିଂହଙ୍କ ବାଇକକୁ ଧୌଲାକୂଆଁ ନିକଟରେ ଏକ ବିଏମଡବ୍ଲୁ କାର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ନଭଜ୍ୟୋତ ସିଂହଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀ ସନ୍ଦୀପ ଗୁରୁତର ରୂପେ ଆହତ ହୋଇଛନ୍ତି। ଦୁର୍ଘଟଣା କାଳରେ ବିଏମଡବ୍ଲୁକୁ ଗଗନପ୍ରୀତ ଚଳାଉଥିଲେ। ଗଗନପ୍ରୀତଙ୍କ ଉପରେ ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ଦୁର୍ଘଟଣାରେ ଗୁରୁତର ଆହତ ନଭଜ୍ୟୋତ ଓ ତାଙ୍କ ପତ୍ନୀଙ୍କୁ ନିକଟସ୍ଥ କୌଣସି ହସ୍ପିଟାଲକୁ ନେବା ପରିବର୍ତ୍ତେ ସେ ୧୯ କିଲୋମିଟର ଦୂର ଏକ ଛୋଟ ହସ୍ପିଟାଲକୁ ନେଇଯାଇଥିଲେ, ଯେଉଁଠି ଡାକ୍ତର ନଭଜ୍ୟୋତଙ୍କୁ ମୃତ ଘୋଷଣା କରିଥିଲେ। ମାମଲାରେ ପୋଲିସ ବିଏନଏସ ଧାରା ୨୮୧ (ଦ୍ରୁତଗତିରେ ଗାଡ଼ି ଚଳାଇବା), ୧୨୫(ବି) ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଇବା, ୧୦୫ ଓ ୨୩୮ରେ ମୋକଦ୍ଦମା ରୁଜୁ କରିଛି। ପୋଲିସ ଅନୁସାରେ ଅଭିଯୁକ୍ତମାନେ ଦୁର୍ଘଟଣା ସମ୍ପର୍କରେ ସୂଚିତ କରିବା ପାଇଁ ପିସିଆର କଲ ମଧ୍ୟ କରିନଥିଲେ। ଏଣୁ ଅଭିଯୁକ୍ତ ବାହନ ଦୁର୍ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ଏହା ଛଡା ଦୁର୍ଘଟଣାସ୍ଥଳ ନିକଟରେ ବଡ଼ ହସ୍ପିଟାଲ ଥାଇ ମଧ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ୧୯ କିଲୋମିଟର ଦୂରରେ ଥିବା ନ୍ୟୁଲାଇଫ ହସ୍ପିଟାଲକୁ ନେଇଯିବାକୁ ନିଷ୍ପତ୍ତି କରିଥିଲେ। ଏଣୁ ଅଭିଯୁକ୍ତମାନେ ପ୍ରମାଣ ଲୁଚାଇବାକୁ ଚେଷ୍ଟା କରିଥିଲେ ବୋଲି ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

## ଏସ୍‌ବିଆଇରୁ ୨୦ କୋଟି ଲୁଟିନେଲେ ସଶସ୍ତ୍ର ଡକାୟତ

ନୂଆଦିଲ୍ଲୀ, ୧୭।୯: କର୍ଣ୍ଣାଟକର ବିଜୟପୁରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ଶାଖାରୁ ବଡ଼ ଧରଣର ଡକାୟତି ହୋଇଛି। ୩ ଜଣ ମୁଖାପିନ୍ଧା ଡକାୟତ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ, ଛୁରି ଦେଖାଇ ଭୟଭୀତ କରାଇବା ସହିତ ସେମାନଙ୍କୁ ବାନ୍ଧି ଟଙ୍କା ଏବଂ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ ବୋଲି କୁହାଯାଇଛି। ୩ ଜଣ ବ୍ୟକ୍ତି ବ୍ୟାଙ୍କକୁ ଆସିଥିଲେ। ସେମାନେ ଏକ କରେଣ୍ଟ ଆକାଉଣ୍ଟ ଖୋଲିବା ନେଇ ମ୍ୟାନେଜରଙ୍କୁ କହିଥିଲେ। କିଛି ସମୟ ପରେ ବନ୍ଧୁକ ଏବଂ ଛୁରି ବାହାର କରି ମ୍ୟାନେଜର, କ୍ୟାଶିୟର ଏବଂ ଅନ୍ୟ କର୍ମଚାରୀଙ୍କୁ ଡରାଇଥିଲେ। ସନ୍ଧ୍ୟା ସମୟରେ କମ୍ କର୍ମଚାରୀ ଥିବାବେଳେ ସେମାନେ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଭୟଭୀତ କରାଇଥିଲେ। ପରେ ପ୍ରାୟ ୨୦ କିଲୋଗ୍ରାମ ଓଜନର ସୁନା ଅଳଙ୍କାର ଏବଂ କୋଟିଏ ଟଙ୍କା ଲୁଟି ଚମ୍ପଟ ମାରିଥିଲେ।

# ପ୍ରଧାନମନ୍ତ୍ରୀ ମୋଦିଙ୍କ ୭୫ତମ ଜନ୍ମଦିନ

## ମା' ସୁସ୍ଥ ରହିଲେ ପରିବାର ସୁସ୍ଥ: ମୋଦି

ନୂଆଦିଲ୍ଲୀ, ୧୭।୯ : ଆଜି ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ । ଏନେଇ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କେଉଁଠି ବୃକ୍ଷ ରୋପଣ, କେଉଁଠି ରକ୍ତଦାନ ଶିବିର ସହ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠୁ ନେଇ ବିଭିନ୍ନ ରାଷ୍ଟ୍ରନେତା ଶୁଭେଚ୍ଛା ଜଣାଇଛନ୍ତି । ସେପଟେ କ୍ରୀଡ଼ାଠୁ ନେଇ କଳାକାରଜଗତର ବ୍ୟକ୍ତିବିଶେଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଛନ୍ତି । ଆଜି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ । ମୋଦିଙ୍କ ଜନ୍ମଦିନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆଜିଠୁ ଦଳ ପାଳିବ ୧୫ଦିନିଆ ସେବା ପକ୍ଷ ଅଭିଯାନ । ଯେଉଁଥିରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ କରାଯିବ । ରକ୍ତଦାନ ଶିବିର ଓ ମୋଦିଙ୍କ ଜୀବନଯାତ୍ରା ନାଁରେ କାର୍ଯ୍ୟକ୍ରମ କରୁଛନ୍ତି ଦିଲ୍ଲୀ ସରକାର । ବିଜେପି ପ୍ରଦେଶିତ ରାଜ୍ୟରେ ସ୍ୱଚ୍ଛ ଭାରତ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବା ସହ ବୃକ୍ଷରୋପଣ କରି ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଉଛି । ସେପଟେ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଓ ଦୀର୍ଘାୟୁ ଜୀବନର କାମନା କରି ସମର୍ଥକ ଓ ପ୍ରଶଂସକ ମନ୍ଦିର, ଗୁରୁଦ୍ୱାରାରେ ସ୍ୱତନ୍ତ୍ର ପୂଜାପାଠ କରିଛନ୍ତି । ଦେଶ ବିଦେଶର ବିଶିଷ୍ଟ ନେତା ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୋଦିଙ୍କୁ ତାଙ୍କ ଜନ୍ମଦିବସର ଅଭିନନ୍ଦନ ଜଣାଇବା ସହିତ ଦୀର୍ଘଜୀବନ କାମନା କରିଛନ୍ତି । ସେହି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ୧୯୫୦ ମସିହା ୧୭ ସେପ୍ଟେମ୍ବରରେ ଗୁଜରାଟ ମେହେସାଣା ଜିଲ୍ଲାର ବଡ଼ନଗର ଏକ ସାଧାରଣ ପରିବାରରେ ମୋଦିଙ୍କ ଜନ୍ମ । ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ଗୁଜରାଟକୁ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପରେ ବିଜେପି ଦେଶର ଦାୟିତ୍ୱ ହସ୍ତାନ୍ତର କରିଥିଲା । ୨୦୧୪ରେ ଦେଶର ପ୍ରଧାନମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କଲେ । ଦେଶର ତିନି ଥର ପ୍ରଧାନମନ୍ତ୍ରୀ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ବିମୁଦ୍ରୀକରଣ, ଜାମ୍ମୁ କାଶ୍ମୀରରୁ ୩୭୦ ଉଚ୍ଛେଦ, ତିନି ତଲାକ୍ ଉଚ୍ଛେଦ ଭଳି ନିଷ୍ପତ୍ତି ନେଇଛନ୍ତି । ଏହା ସହିତ ବିଶ୍ୱର ବହୁ ବଡ଼ ବଡ଼ ରାଷ୍ଟ୍ର ସହିତ ମଧ୍ୟ ଭାରତରୁ ସମ୍ପର୍କକୁ ମଜଭୁତ କରିଛନ୍ତି ମୋଦି।



## ଦେଶବିଦେଶରୁ ମୋଦିଙ୍କୁ ଶୁଭେଚ୍ଛା

ନୂଆଦିଲ୍ଲୀ, ୧୭।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ବର୍ଷ ବୟସରେ ପାଦ ଦେଇଛନ୍ତି। ଭାରତୀୟ ଜନତା ପାର୍ଟିର କର୍ମୀମାନେ ଦେଶବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ଏବଂ ତାଙ୍କ ଜନ୍ମଦିନ ପାଳନ କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପର୍ଯ୍ୟନ୍ତ, ଭାରତ ଏବଂ ବିଦେଶର ଅନେକ ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଭିନନ୍ଦନ ବାର୍ତ୍ତା ପଠାଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ୭୫ତମ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ମୋଦିଙ୍କ ୭୫ତମ ଜନ୍ମଦିନରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ସମ୍ବେଦନଶୀଳ ଏବଂ ଉତ୍ସର୍ଗୀକୃତ ଜୀବନର ୭୫ ବର୍ଷ ଦେଶ ସେବା ପାଇଁ ଉତ୍ସର୍ଗ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ମେଲୋନି ତାଙ୍କ ଏକ୍ସ ପୋଷ୍ଟରେ ମୋଦିଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି, ତାଙ୍କର ଶକ୍ତି ଓ ନିଷ୍ଠାକୁ "ପ୍ରେରଣାର ଉତ୍ସ" ବୋଲି କହିଛନ୍ତି। ଏକ ସେଲଫି ଫଟୋ ସହ ସେ ମୋଦିଙ୍କୁ ସୁସ୍ଥତା ଓ ଭାରତ-ଇଟାଲୀ ସମ୍ପର୍କ ମଜବୁତ କରିବା ପାଇଁ ଶୁଭକାମନା ଦେଇଛନ୍ତି। ଏହା ସହିତ ଲୋକ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ ତାଙ୍କ ସ୍ୱାସ୍ଥ୍ୟ କାମନା କରିଛନ୍ତି। ସେହିପରି ଏହି ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନରେ ବିଶେଷ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ କହିଛନ୍ତି ପିଏମ୍ ମୋଦି 'ଅବତାର ପୁରୁଷ'। ମୋର ଇଚ୍ଛା ସେ ୨୦୪୭ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ରୁହନ୍ତୁ। ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବା ଯାଏଁ ମୋଦି ହିଁ ପିଏମ ରହିଥାନ୍ତୁ।'

## ଅଟୋ ସହ ଗଞ୍ଜେଇ ଜବତ: ଜଣେ ଗିରଫ



ଆସିକା(ନିପ୍ର): ଜିଲ୍ଲା ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଯେନା ଏକ ବିଶେଷ ସୂତ୍ରରୁ ଖବରପାଇ ଧରାକୋଟ ଥାନା ଘାସିବିଲିଠାରେ ସନ୍ଦେହରେ ଗୋଟିଏ ଅଟୋ (ଓଡି୦୭ଏନ-୫୧୮୩)କୁ ଅଟକାଇ ଯାଞ୍ଚ ସମୟରେ ତିନୋଟି ଜରି ବସ୍ତାରେ ୪୫ କିଲୋ ଗଞ୍ଜେଇ ଜବତ କରିବା ସହ ଏହି ଗଂଜେଇ ଚାଲାଣ ଅଭିଯୋଗରେ କନ୍ଧମାଳ ଜିଲ୍ଲାର କୁମ୍ଭାରୀପଦର ବିମଳ ବି. ସିଂ(୨୫)କୁ ଗିରଫ କରିଛନ୍ତି। ଏହି ଗଞ୍ଜେଇକୁ କନ୍ଧମାଳରୁ ବ୍ରହ୍ମପୁର ନେଉଥିଲା ବୋଲି ପ୍ରକାଶ କରିଛି। ଅବକାରୀ ପୋଲିସ ଥାନା କେସ ନମ୍ବର ୭୦/୨୫ରେ ମାମଲା ରୁଜୁକରି ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଅଂଶୁମାନ ଜେନା, ଅବକାରୀ ଏଏସଆଇ କୁମୁଦ ଚନ୍ଦ୍ର ନାୟକ, କନେଷ୍ଟବଲ ମଧୁସୂଦନ ଯାନୀ, ସଣ୍ଟୁନୁ କୁମାର ବେହେରା ପ୍ରମୁଖ ସାମିଲ ଥିଲେ।

## ରାଜଧାନୀରେ ବୋମା ମାଡ

ଭୁବନେଶ୍ୱର(ନିପ୍ର): ପୂଜା ପୂର୍ବରୁ ରାଜଧାନୀରେ ଅପରାଧୀମାନେ ଆତଙ୍କରାଜ୍ ସୃଷ୍ଟି କରିଛନ୍ତି। ଭୁବନେଶ୍ୱର ଗୌତମନଗର ବସ୍ତି ଏବଂ ଅଶୋକ ନଗର ଫାଳିକିଆ ବସ୍ତିରେ ବୋମାମାଡ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମାତ୍ର ପୂଜା ପୂର୍ବରୁ ଏଭଳି ଆତଙ୍କରାଜ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ରାଜଧାନୀ ଭୁବନେଶ୍ୱରରେ ବିଳମ୍ବିତ ରାତିରେ ସିରିଜ ବୋମାମାଡ ହୋଇଛି। ଗୌତମନଗର ବସ୍ତି ଏବଂ ଅଶୋକ ନଗର ଫାଳିକିଆ ବସ୍ତିରେ ୮ଟି ବୋମାମାଡ ହୋଇଛି। ଏଥିରେ କେହି ମୃତାହତ ହୋଇନଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି । ଘଟଣାସ୍ଥଳରୁ ଜବତ ହୋଇଛି ୪ରୁ ଅଧିକ ଅଫୁଟା ବୋମା। ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ ହୋଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁସାରେ, ରାତି ପ୍ରାୟ ସାଢେ ଗୋଟାଏ ବେଳେ ୬ଜଣ ଦୁର୍ବୃତ ଦୁଇଟି ବାଇକ୍‌ରେ ଆସି ଚକ୍କର କାଟିଥିଲେ। ସୁଯୋଗ ପାଇ ଅତର୍କିତ ଭାବେ ପ୍ରଥମେ ଗୌତମ ନଗର ବସ୍ତିରେ ୫ଟି ଓ ପରେ ଫାଳିକିଆ ବସ୍ତିରେ ୩ଟି ବୋମାମାଡ଼ କରିଥିଲେ। ଘନଘନ ବୋମାମାଡ଼ ଯୋଗୁଁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଯିଏ ଯୁଆଡ ପାରିଲେ ଦୌଡି ପଳାଇଥିଲେ। ଦୁର୍ବୃତମାନେ ଫେରାର ଥିବା ବେଳେ ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଘଟଣାର ଛାନଭିନ୍ ଚଳାଇଛି।

## ଚୋରା ବନ୍ଧୁକ ବେପାରୀକୁ ମାଡି ବସିଲା ପୋଲିସ

ଭୁବନେଶ୍ୱର(ନିପ୍ର): ପୂଜା ପୂର୍ବରୁ କମିଶନରେଟ ପୋଲିସକୁ ଏକ ବଡ ସଫଳତା ମିଳିଛି। ରାଜଧାନୀରେ ଚୋରା ବନ୍ଧୁକ କାରବାର କରୁଥିବା ଏକ ଗ୍ୟାଙ୍ଗକୁ ସ୍ପେଶାଲ କ୍ରାଇମ ୟୁନିଟ ଠାବ କରିଛି। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସହ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡଖଣ୍ଡର ମହେଶ କୁମାର ଶାହା ଓରଫ ଟିପୁ, ଖୋର୍ଦ୍ଧାର ମହମ୍ମଦ ସକାବତ ଓ ଫିରୋଜ ଅଲ୍ଲି ଖାଁ। ପୋଲିସ ଏମାନଙ୍କ ଠାରୁ ୮ଟି ବନ୍ଧୁକ ଓ ୩୪ଟି ଗୁଳି ଜବତ କରିଛି। ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗତ କିଛିଦିନ ହେଲା ଝାଡଖଣ୍ଡର ମହେଶ ଚୋରା ବନ୍ଧୁକ ଆଣି ରାଜଧାନୀ ଓ ଆଖପାଖ ଅଂଚଳରେ ବିକ୍ରି କରୁଥିଲେ। ଏନେଇ ସୂଚନା ମିଳିବା ପରେ ସ୍ପେଶାଲ କ୍ରାଇମ ୟୁନିଟ ତା ଉପରେ ନଜର ରଖିଥିଲା। ଗତକାଲି ସେ ଦୁଇ ସହଯୋଗୀଙ୍କ ସହ ସାଲିଆସାହିରେ ବନ୍ଧୁକ ବିକ୍ରି କରିବା ଲାଗି ଆସିଥିଲା। ପୂର୍ବ ଯୋଜନା ମୁତାବକ ସ୍ପେଶାଲ କ୍ରାଇମ ୟୁନିଟ ହାତିଆଣୀ ଛକ ନିକଟରେ ଅପେକ୍ଷା କରି ରହିଥିଲା। ସେମାନେ ଆସିବା ପରେ ପୋଲିସ ମାଡି ବସିଥିଲା। ଯାଂଚ ବେଳେ ସେମାନଙ୍କ ଠାରୁ ଚୋରା ବନ୍ଧୁକ ଓ ଗୁଳି ଜବତ ହୋଇଥିଲା।

## ସ୍ତ୍ରୀକୁ ନିର୍ଯାତନା: ଥାନାରେ ମାମଲା

ପିପିଲି(ନିପ୍ର): ପିପିଲି ଥାନା ଅଧୀନରେ ଥିବା ସାତଶଙ୍ଖ ଫାଣ୍ଡି ପାର୍ଶ୍ୱ ସୁବଳପୁର ନୁଆସାହିରେ ଜଣେ ବିବାହିତା ମହିଳାଙ୍କୁ ତାର ସ୍ୱାମୀ ଯୌତୁକ ଦାବିକରି ନିର୍ଯାତନା ଦେଉଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପିପିଲି ପୋଲିସ ଅଭିଯୋଗ ପାଇଁ ଘଟଣାର ପ୍ରାଥମିକ ତଦନ୍ତ କରିବା ପରେ ପିପିଲି ଥାନା କେସ ନଂ ୫୭୧/୨୫ ମାମଲା ଆଗତ କରି ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡାଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ଜଣାଯାଇଛି।

### ଡିଜେ ଗାଡ଼ିରେ ଲାଗିଲା କଟକଣା

# ଏଣିକି ରଦ୍ଦ ହେବ ପଞ୍ଜୀକରଣ ଓ ଫିଟନେସ୍

ଭୁବନେଶ୍ୱର(ନିପ୍ର): ରାଜ୍ୟ ସରକାର ମୋଟରଯାନ ଆଇନକୁ କଡାକଡି କରିଛନ୍ତି। ବିଶେଷ କରି ଡିଜେ ଗାଡ଼ି ନାଁରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୋଟର ଯାନ ଆଇନ ଅନୁଯାୟୀ ଜରିମାନା ସହ ପଞ୍ଜିକରଣ ଓ ଫିଟନେସ୍ ରଦ୍ଦ ହେବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପରିବହନ ପ୍ରାଧିକରଣ ଏଭଳି ପଦକ୍ଷେପ ନେଇଛି। ବିଗତ କିଛି ଦିନ ମଧ୍ୟରେ ବେଆଇନ ଡିଜେ ଗାଡ଼ି ଯୋଗୁଁ ସାମ୍ନାକୁ ଆସିଥିବା ଅଘଟଣକୁ ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ଡିଜେ ଯାନ ଗୁଡ଼ିକ ବେଆଇନ ଭାବେ ଯାନର ଷ୍ଟ୍ରକଚର୍ ବା ମୂଳଢାଞ୍ଚାରେ କରୁଥିବା ପରିବର୍ତନ, ଯାନର ଉଚ୍ଚତା, ଲମ୍ବ ଏବଂ ପ୍ରସ୍ଥରେ ପରିବର୍ତ୍ତନ, ଯାନରେ ଲଗାଉଥିବା ଅତି ଉଚ୍ଚ ସ୍ୱରର ଲାଉଡ ସ୍ପିକର ଏବଂ ଚ଼ିକମିକ୍ କରୁଥିବା ବେଆଇନ ଆଲୋକ ଇତ୍ୟାଦିକୁ ରୋକିବା ନିମନ୍ତେ ଏଣିକି ପରିବହନ ବିଭାଗ କଠୋର ଆଭିମୂଖ୍ୟ ଗ୍ରହଣ କରିବ। ଏନେଇ ଏକ ସର୍କୁଲାର ପରିବହନ ଆୟୁକ୍ତଙ୍କ ଦ୍ୱାରା ଜାରି କରାଯାଇଛି। ମୋଟରଯାନ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ବେଆଇନ ଭାବେ ତାକୁ ଡିଜେ ଯାନ ଭାବେ (ମୋଟର ଯାନ ଆଇନରେ ଡିଜେ ଭ୍ୟାନର କୌଣସି ପ୍ରଚ଼ଳିତ ବ୍ୟବସ୍ଥା ନାହିଁ) ପରିବର୍ତ୍ତନ କରି ବେଆଇନ ଭାବେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଶବ୍ଦ ପ୍ରଦୂଷଣ ଓ ଚ଼ିକମିକ୍ ଆଲୋକ ଦ୍ୱାରା ରାସ୍ତାରେ ଯାତାୟାତ କରୁଥିବା ଅନ୍ୟ ଯାନଗୁଡିକ ଅସୁବିଧାର ସମ୍ମୁଖୀନ ହେବା ସହ ବେଆଇନ ଉଚ୍ଚତା ଯୋଗୁଁ ସର୍ଟସର୍କିଟ୍ ଓ ଭାରସମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଭଳି ଅଘଟଣର ତଥ୍ୟ ବିଭାଗ ଦୃଷ୍ଟିକୁ ଆସିଛି। ଏହି ତଥାକଥିତ ଡିଜେ ଭ୍ୟାନର ବ୍ୟବହାର ବହୁଳ ଭାବରେ ହେଉଛି। ତେଣୁ ଆଇନରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଯାଂଚ ଏବଂ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚ଼ନାଯୋଗ୍ୟ ଯେ, କୌଣସି ଯାନକୁ ମୂଳ ଢାଂଚାରୁ ପରିବର୍ତନ କରାଯାଇପାରିବ ନାହିଁ। ମୋଟର ଯାନର ଷ୍ଟ୍ରକଚ଼ର୍ ପରିବର୍ତନ କରି ସାର୍ବଜନୀନ ସ୍ଥାନରେ ବେଆଇନ ବ୍ୟବହାର ବିରୋଧରେ ମୋଟର ଯାନ ଆଇନର ଧାରା ୧୯୦ (୨) ଏବଂ ଧାରା ୧୮୨ (କ) (୪) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଲାଗୁ କରାଯିବ । ଏହାସହ ଏପରି ଯାନଗୁଡ଼ିକର ଫିଟନେସ୍ ଓ ପଞ୍ଜିକରଣ ପ୍ରମାଣପତ୍ର ବାତିଲ କରିବାକୁ ମୋଟର ଯାନ ଆଇନର ଧାରା ୫୩ ଓ ୫୬ (୪)ର ବ୍ୟବହାର କରାଯିବ। ବହୁରଙ୍ଗୀ ଏଲଇଡି/ଲେଜର/ନିଅନ୍ ଲାଇଟ୍, ଘୁରୁଥିବା ଲାଇଟ୍, କିମ୍ବା ଏଆଇଏସ୍-୦୦୮ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ ନଥିବା ଯେକୌଣସି ଆଲୋକ ବ୍ୟବସ୍ଥା ବ୍ୟବହାର ନିଷେଧ ରହିଛି। ସେହିଭଳି ମୋଟର ଯାନରେ ଡିଜେ ସିଷ୍ଟମ, ଆମ୍ପ୍ଲିଫାୟର୍, ମିକ୍ସର, ଲେଜର ଲାଇଟ୍ କଣ୍ଟ୍ରୋଲର୍ ଏବଂ ସମାନ ସେଟଅପ୍ ବ୍ୟବହାର ମଧ୍ୟ ବେଆଇନ ଅଟେ। ଡିଜେ ଗାଡ଼ିର ଶବ୍ଦ, ଆଲୋକ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ଅନେକ ସମୟରେ ଦୁର୍ଘଟଣା ଓ ଅଘଟଣର କାରଣ ସାଜୁଛି। ସେହିଭଳି ଗାଡ଼ିରେ ଡିଜେ ସେଟ୍ ଅପ୍ ପାଇଁ ମନଇଚ୍ଛା ଯନ୍ତ୍ରାଂଶ ପରିବହନ ମଧ୍ୟ ବେଆଇନ। ଜନସାଧାରଣଙ୍କ ସୁରକ୍ଷା ପାଇଁ ଏହି ଅସୁରକ୍ଷିତ ଡିଜେ ଗାଡ଼ିକୁ ରୋକିବା ଆବଶ୍ୟକୀୟ ହୋଇପଡ଼ିଛି। ବିଭାଗ ପକ୍ଷରୁ ଏହି ଅଭିଯାନକୁ ଅଧିକ ପ୍ରଭାବୀ କରିବାକୁ ରାତି ତଥା ଉତ୍ସବ ଆଦି ସମୟରେ ବିଶେଷ ଧ୍ୟାନ ରଖାଯିବ। ଯେକୌଣସି କାର୍ଯ୍ୟକ୍ରମ ହେଉ, ସର୍ବଦା ନିୟମ ପାଳନ ହେବା ଉଚିତ୍ । ନିୟମ ଉଲ୍ଲଙ୍ଘନ ସର୍ବଦା ଅଘଟଣକୁ ଆମନ୍ତ୍ରଣ କରେ । ଉତ୍ସବରେ ଆନନ୍ଦକୁ ଦୁଃଖରେ ପରିଣତ କରେ । ତେଣୁ ଯେଉଁମାନେ ସାମୂହିକ ସୁରକ୍ଷା ସୁନିଶ୍ଚିତ କରିବାକୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଚ଼ାଲାଣ କଟାଯିବ ଓ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହ ଗାଡ଼ି ମାଲିକ ତଥା ଅପରେଟରମାନଙ୍କୁ ଆଇନ ଓ ସୁରକ୍ଷା ମାନଦଣ୍ଡ ବିଷୟରେ ସଚେତନ କରିବା ପାଇଁ ବିଭାଗ ଦ୍ୱାରା ସଚେତନତା ଅଭିଯାନ ଆରମ୍ଭ କରାଯିବ। ଲୋକମାନେ ଯେଉଁ ଯାନକୁ ଭଡ଼ାରେ ନେଉଛନ୍ତି ବା ବ୍ୟବହାର କରୁଛନ୍ତି, ସେହି ଯାନ ପଞ୍ଜିକୃତ ଅଛି କି ନାହିଁ, ଏହା ସୁରକ୍ଷା ମାନଦଣ୍ଡକୁ ପାଳନ କରୁଛି କି ନାହିଁ ସେଥିପ୍ରତି ମଧ୍ୟ ଯତ୍ନବାନ ହେବାକୁ ଅନୁରୋଧ କରାଯାଇଛି।

### ଜଗନ୍ନାଥ ପ୍ରସାଦ ଥାନା ହାଜତ ମୃତ୍ୟୁ ମାମଲା

## ୨ ମାସ ମଧ୍ୟରେ କ୍ଷତି ପୂରଣ ଦେବାକୁ ଓଏଚଆରସିଙ୍କ ନିର୍ଦ୍ଦେଶ

କଟକ(ନିପ୍ର): ଗଂଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୮ ଲକ୍ଷ୍ୟ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ମାନବାଧିକାରୀ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇସାରିଛି। ବାକି ୫ଲକ୍ଷ ୫୦ହଜାର ଟଙ୍କା କ୍ଷତିପୂରଣ ୨ ମାସ ମଧ୍ୟରେ ଦେବାକୁ ରାଜ୍ୟ ଗୃହ ସଚିବଙ୍କୁ ନିର୍ଦ୍ଦେଶ ହୋଇଛି। ସୂଚନାଯୋଗ୍ୟ, ୨୦୧୫ ମସିହା ଜୁନ ୮ ତାରିଖରେ କଟାଧାର ଗାଁର ଗୌରହରି ସ୍ୱାଇଁଙ୍କୁ ଜଗନ୍ନାଥ ଥାନା ପୋଲିସ ଉଠାଇ ଆଣିଥିଲା । ଚୋରି ଅଭିଯୋଗରେ ଗୌରହରିଙ୍କୁ ବେଆଇନ ଭାବେ ଅଟକ ରଖିବା ସହ ହାଜତରେ ପୋଲିସ ଶାରିରୀକ ନିର୍ଯ୍ୟାତନା ଦେଇଥିଲା। ଯାହାଦ୍ୱାରା ୯ ତାରିଖରେ ଗୌରହରିଙ୍କ ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଥିଲେ । ମୃତକଙ୍କ ପତ୍ନୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ପୋଲିସ ବିଭାଗର ମାନବାଧିକାରୀ ସୁରକ୍ଷା ସେଲ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ୧୧.୦୨.୨୦୨୩ରେ ଚାର୍ଜସିଟ ଦାଖଲ କରିଥିଲା। ପୁଣି ଭଂଜନଗର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଧ୍ୟ ତଦନ୍ତ କରି ଗୌରହରି ସ୍ୱାଇଁଙ୍କ ମୃତ୍ୟୁ ଏକ ହାଜତ ମୃତ୍ୟୁ ବୋଲି ଦର୍ଶାଇଛନ୍ତି। ଏସବୁ ତଥ୍ୟକୁ ଭିତ୍ତିକରି ମାନବାଧିକାର କମିଶନ ମୃତକଙ୍କ ନିକଟ ଆତ୍ମୀୟଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଘରେ ପଶି ଚୋରି ଘଟଣାର ସୁନା, ଟଙ୍କା ଜବତ: ଦୁଇ ଗିରଫ



ଆସିକା(ନିପ୍ର): କୋଟିନଡ଼ା ଥାନା ଅନ୍ତର୍ଗତ କେ. ଲଛମନପଲ୍ଲୀ ଗ୍ରାମରେ ଘରେ ପଶି ଚୋରି ଘଟଣାରେ କୋଟିନଡ଼ା ପୋଲିସ ସୁନା ଟଙ୍କା ଜବତ କରିବା ସହ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ନିକଟ ବଙ୍କା ଗ୍ରାମର ପ୍ରଶାନ୍ତ ମହାନ୍ତି ତାଙ୍କ ସ୍ତ୍ରୀ ପୂଜା ମହାନ୍ତି ସହ ପରିବାର କୋଟିନଡ଼ା ଥାନା ଅଧୀନ କେ. ଲଛମନପଲ୍ଲୀ ଗ୍ରାମରେ ଭଡା ଘରେ ରହି ବିଭିନ୍ନ ବ୍ୟବସାୟ କରିଥାନ୍ତି। ବ୍ୟବସାୟରେ କ୍ଷତି ହେବା ଯୋଗୁଁ ସେ ଦୀର୍ଘ ଦିନ ହେବ ଫେରାର ଅଛନ୍ତି। ଗତ ୧୫.୯.୨୦୨୫ ତାରିଖ ସନ୍ଧ୍ୟା ୫. ୩୦ ସମୟରେ ପ୍ରଶାନ୍ତ ମହାନ୍ତିଙ୍କ ସ୍ତ୍ରୀ ପୂଜା ତାଙ୍କ ଝିଅଙ୍କ ସହିତ ଆସିକା ଯାଇଥିବାବେଳେ ଏହାର ସୁଯୋଗ ନେଇ କେ.ଲଛମନପଲ୍ଲୀ ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ ଓ କୋଟିନଡ଼ା ଗ୍ରାମର ଅମିତ ପଲେଇ ଅ ରୋଶନ ମହାନ୍ତି ପ୍ରଶାନ୍ତଙ୍କ ଘରେ ପଶି ଲକର ଭାଙ୍ଗି ଏଥିରେ ଥିବା ୧୫ଲକ୍ଷ ଟଙ୍କା, ୬୦ ତୋଳା ସୁନା ଏବଂ ୬୦ ତୋଳା ରୁପା ଅଳଙ୍କାର ଚୋରି କରି ନେଇ ଯାଇଥିବା ବିରୁଦ୍ଧରେ ପୂଜା ମହାନ୍ତି କୋଟିନଡା ଥାନାରେ ଗତ ୧୬/୦୯/୨୦୨୫ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କୋଟିନାଡା ଥାନା ମାମଲା ନଂ ୩୪୭/ ୨୫ ଟ/୫ ୩୩୧(୪)/୩୦୫ରେ ମାମଲା ରୁଜୁକରି ସନ୍ଧାନୀ କୁକୁର ଆଣି ଚୋରି ଯାଇଥିବା ଟଙ୍କା ମଧ୍ୟରୁ ନଗଦ ୮,୧୭,୨୦୦/- ଟଙ୍କା (ଆଠ ଲକ୍ଷ ସତର ହଜାର ଦୁଇ ଶହ), ସୁନା ଚେନ୍ -୨ଟି, ସୁନା ମଙ୍ଗଳସୂତ୍ର -୨ଟି, ସୁନା ଶଙ୍ଖ -୪ଟି, ସୁନା କାନ ମୁଦି-୩ଟି ଯୋଡ଼ା, ସୁନା କାନ ଝିଙ୍କା -୨ଟି ଯୋଡ଼ା, ସୁନା ମୁଦି -୧୭ଟି, ସୁନା ହାର -୨ଟି, ରୁପା ପାଦ ୬ଟି, ସିଭର ବ୍ରେସଲେଟ୍ -୨ଟି, ସିଭର କଟି ଚେନ୍ -୧ଟି, ରୁପା ଚେନ୍ -୧ଟି, ରୁପା ଲକେଟ୍ -୨ଟି, ରୁପା ହାତ ଲେଟ୍ -୧ଟି, ରୁପା ମୁଦି -୫ଟି, ରୁପା ମୁଦି (ଗୋଡ) ୧୬ଟି ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟରେ ଅଭିଯୋଗକାରୀ ପୂଜା ମହାନ୍ତିଙ୍କ ସ୍ୱାମୀ ପ୍ରଶାନ୍ତ ମହାନ୍ତି ବିଭିନ୍ନ ବ୍ୟବସାୟ ନାମରେ ଅଭିଯୁକ୍ତଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ଦୀର୍ଘ ଦିନ ହେବ ଫେରାର ଅଛି। ସେ ଠକି ନେଇଥିବା ଟଙ୍କା ଦୁଇ ଜଣ ଅପରାଧୀଙ୍କ ପରିବାରକୁ ତାଙ୍କ ସ୍ତ୍ରୀ ଫେରାଇବା ପରେ ପରବର୍ତ୍ତୀ ସମୟରେ ଅପରାଧୀମାନେ ଲୁଟି ନେଇଛନ୍ତି ବୋଲି କୋଟିନଡ଼ା ଥାନାରେ ଅଭିଯୋଗ ଦେଇଛନ୍ତି ବୋଲି ଅଭିଯୁକ୍ତ ଓ ଅଭିଯୁକ୍ତଙ୍କ ପରିବାର ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି।

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ



କାକଟପୁର(ନିପ୍ର): ବୁଧବାର କାକଟପୁର ଠାରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯିବାକୁ ଥିବାବେଳେ ବିରୋଧୀ ଦଳ କଂଗ୍ରେସ କର୍ମୀ ଗତକାଲି ରାତିରୁ ସେମାନଙ୍କର ରଣକୌଶଳ ପ୍ରସ୍ତୁତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କାକଟପୁରରେ ପହଞ୍ଚିବା ମାତ୍ରେ କଂଗ୍ରେସ ଦଳ ପକ୍ଷରୁ କର୍ମୀମାନେ ପ୍ରତିବାଦ ଏବଂ ବିରୋଧ ସହିତ କଳାପତାକା ପ୍ରଦର୍ଶନ ପୂର୍ବକ କାକଟପୁରର ବିଭିନ୍ନ ସମସ୍ୟାକୁ ସମାଧାନ କରିବାର ପ୍ରତିଶ୍ରୁତି ଧୂଆଁବାଣ ସହ ସମାନ ବୋଲି ନାରା ଦେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ୧୨ରୁ ଊର୍ଦ୍ଧ କଂଗ୍ରେସ ନେତାଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ । ଥାନା ଭିତରେ ଏହି ନେତାମାନେ ଦୀର୍ଘ ସମୟ ଅଟକ ରହି ସେମାନଙ୍କର କ୍ଷୋଭ ପ୍ରକାଶ କରିବା ସହିତ ପୁରୀ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଲୁଲୁ ଖୁଣ୍ଟିଆ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଚାରି ଗୋଟି ମୁଦ୍ଦା ନେଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରକାଶ କରିବା ସହିତ କାକଟପୁର ଏନଏ ସିରୁ ବାଦ ପଡିବା, ଚାଷୀଙ୍କୁ ସାର ଯୋଗାଣରେ ବ୍ୟାପକ ଅନିୟମିତତା, ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି, ନିଯୁକ୍ତି କ୍ଷେତ୍ରରେ ସରକାର ବିଫଳ ବୋଲି ବିଜେପି ସରକାରକୁ କଡା ସମାଲୋଚନା କରିଥିଲେ । ଅଟକ କଂଗ୍ରେସ ନେତାଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଲୁଲୁ ଖୁଣ୍ଟିଆ, ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତି, କୋଣାର୍କ କଂଗ୍ରେସ କାଉନସିଲର ନିହାର ରଞ୍ଜନ ବେଉରା, ସଂଖ୍ୟାଲଘୁ ସମ୍ପାଦକ ମଲ୍ଲିକ ଏନାମୁଲ, ନଳିନୀ କାନ୍ତ ଦୀକ୍ଷିତ, ଅରକ୍ଷିତ କାଣ୍ଡି, ଅତିଭର ରହେମନ, ଶେଖ ରିଆଜ ଉଦ୍ଦିନ, ତପନ ଦାସ, ଶେଖ ଗୟାସ ପ୍ରମୁଖଙ୍କୁ ଉପମୁଖ୍ୟମନ୍ତ୍ରୀ ଯିବା ପରେ ପୋଲିସ ଛାଡିଥିଲା।

### ଆଇନଜୀବୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ଅର୍ଚ୍ଚନା ନାଗ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

କଟକ(ନିପ୍ର): ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦ ତରଫରୁ ପ୍ରକାଶିତ ଏକ ପ୍ରେସ ବିଜ୍ଞପ୍ତିରେ ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ଅର୍ଚ୍ଚନା ନାଗଙ୍କୁ ଆଇନଜୀବି ପେଷାରୁ ସସପେଣ୍ଡ କରାଯାଇଥିବା ଏବଂ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପରିଷଦ ତରଫରୁ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଅର୍ଚ୍ଚନା ନାଗ ତାଙ୍କ ବିରୁଦ୍ଧରେ ଥିବା ଫୌଜଦାରୀ ମାମଲା ସଂପର୍କିତ ତଥ୍ୟ ସଂପର୍କରେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଗୋପନ ରଖି ଓକିଲାତି ପେଷାରେ ଆଇନଜୀବି ଭାବେ ପଞ୍ଜୀକରଣ ଫର୍ମ ଦାଖଲ କରିଥିଲେ। ସେହି ଆଧାରରେ ନିଜକୁ ଆଇନଜୀବି ହିସାବରେ ପଞ୍ଜୀକରଣ କରାଇଥିଲେ । ପରବର୍ତ୍ତୀ ସମୟରେ ପ୍ରାପ୍ୟ ତଥ୍ୟ ଅନୁଯାୟୀ ଜଣାଗଲା ଯେ, ବାସ୍ତବରେ ଅର୍ଚ୍ଚନା ନାଗଙ୍କ ନାମରେ ବିଭିନ୍ନ ଦଫା ସମ୍ବଳିତ ଫୌଜଦାରୀ ମାମଲା ରୁଜୁ ହୋଇ ଏହା ବିଚାରାଧୀନ ସତ୍ତ୍ୱେ ପଞ୍ଜୀକରଣ ପାଇଁ ଦାଖଲ କରିବାକୁ ଥିବା ନିର୍ଦ୍ଧାରିତ ବିନ୍ଦୁ ୧୪,୧୫,୧୬, ୧୭, ୨୦ ଖ ରେ ସେ ଉଲ୍ଲେଖ କରିଥିଲେ କି, ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ମାମଲା ନାହିଁ କିମ୍ବା ସେ କୌଣସି ବୃତ୍ତିରେ ସଂପୃକ୍ତ ନାହାନ୍ତି। ଇତି ମଧ୍ୟରେ ହସ୍ତଗତ ହୋଇଥିବା ତଥ୍ୟରୁ ଜଣାଯାଇଛି କି, ସେ ୨ଟି କଂପାନୀର ନିର୍ଦ୍ଦେଶକ ଅଛନ୍ତି । ଏ ସମସ୍ତ ବିଷୟରେ ଆଇନଜୀବି ପାଇଁ ପଞ୍ଜୀକରଣ ସମୟରେ ନିର୍ଦ୍ଧାରିତ ଫର୍ମ ବିଷୟରେ ସୂଚନା ନିମନ୍ତେ ପ୍ରାବଧାନ ଥିବା ସତ୍ତ୍ୱେ ସଂପୃକ୍ତ ବ୍ୟକ୍ତି ସମସ୍ତ ବିନ୍ଦୁରେ ନାସ୍ତିସୂଚକ ସୂଚନା ଦେଇ ଏହା ପ୍ରମାଣିତ କରିଛନ୍ତି ଯେ, ସେ ପ୍ରକୃତ ତଥ୍ୟ ପ୍ରଦାନ ନକରି ମିଥ୍ୟାର ଆଶ୍ରୟ ନେଇ ଆଇନଜୀବି ପରିଷଦରେ ନିଜକୁ ଆଇନଜୀବି ଭାବେ ପଞ୍ଜୀକରଣ କରାଇ ନେଇଛନ୍ତି। ଏହା ଭାରତୀୟ ଅଧିବକ୍ତା ନିୟମ ୧୯୬୧ର ବିରୁଦ୍ଧାଚରଣ କରିବା ସହିତ ଆଇନଜୀବି ପରିଷଦ ଯାହାକି ଆଇନ ଶିକ୍ଷା ଓ ଆଇନ ପେଶାର ସର୍ବୋଚ ନିୟାମକ ସଂସ୍ଥାକୁ ସେ ସଠିକ ତଥ୍ୟ ନଦେଇ ନିଜର ନାମକୁ ବାର କାଉନସିଲରେ ପଞ୍ଜୀକରଣ କରାଇ ନେଇଛନ୍ତି। ଏହି ସବୁ ବିଷୟ ଗୁରୁତର ସହିତ ଗ୍ରହଣ କରି ବାର କାଉନସିଲ ଗତ ୧୪.୦୯.୨୦୨୫ ତାରିଖରେ ହୋଇଥିବା ସାଧାରଣ ବୈଠକରେ ସଂପୃକ୍ତ ଅର୍ଚ୍ଚନା ନାଗଙ୍କୁ ଆଇନଜୀବୀ ପେସାରୁ ସସପେଣ୍ଡ କରାଯିବା ସହିତ ତାଙ୍କ ବିରୁଦ୍ଧରେ ବିହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

### ଆଇନଜୀବୀ ପେସାରୁ ସସ୍‌ପେଣ୍ଡ

### ଜମିପଟ୍ଟା ପ୍ରଦାନରେ ଜାଲିଆତି

# ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ନିଲମ୍ବିତ





କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରର ଜଣେ ପରିବାରର ସଦସ୍ୟଙ୍କୁ ବେଆଇନ ଭାବେ ଜମିପଟ୍ଟା ପ୍ରଦାନ କରିବା କୁଚିଣ୍ଡା ତହସିଲଦାର ମିତାଲି ମଧୁସ୍ମିତା ଦଳେଇଙ୍କୁ ମହଙ୍ଗା ପଡ଼ିଛି। ଏଭଳି ବେଆଇନ କାମ ପାଇଁ ତାଙ୍କୁ ରାଜସ୍ୱ ବିଭାଗପତ୍ର ସଂଖ୍ୟା- ୩୪୬୯୩/ ତା ୧୩.୦୯.୨୦୨୫ ରେ ନିଲମ୍ବିତ କରାଯିବା ସହ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏଥିସହ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବାରୁ କୁଚିଣ୍ଡା ରାଜସ୍ୱ ନିରୀକ୍ଷକ(ଆରଆଇ) ଅର୍ଜୁନ ଚରଣ ବାଘଙ୍କୁ ମଧ୍ୟ ସମ୍ବଲପୁର ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା- ୧୫୬୬୬/ ୧୬.୦୯.୨୦୨୫ ରେ ନିଲମ୍ବନ କରାଯାଇଛି। ସୂଚନା ଅନୁଯାୟୀ, କୁଚିଣ୍ଡା ସହରର ମନ୍ଦିର ଛକ ନିବାସୀ ସ୍ୱର୍ଗତ ଜଗଦୀଶ ଲାଲ ସେଠଙ୍କ ଖାତା ନଂ .୬୩ ରେ ୦.୨୯ ଏକର ଘରଡିହ, ଖାତା ନଂ .୧୫୯ ରେ ୩.୫୨ ଏକର ଓ ଖାତା ନଂକ .୧୬୦ ରେ ୬.୨୧ ଏକର ଜମି ପଟ୍ଟା ରହିଛି। ତାଙ୍କର ତିନି ପୁଅ ରାଧାକୃଷ୍ଣ ଅଗ୍ରୱାଲ, ମୁରାରିଲାଲ ସେଠ, ବ୍ରଜମୋହନ ଅଗ୍ରୱାଲ ଓ ଜଣେ ଝିଅ ନାରାୟଣୀ ବାଈ ଅଗ୍ରୱାଲ। ଏହି ଚାରି ଜଣଙ୍କ ସ୍ୱର୍ଗବାସ ପରେ ତାଙ୍କ ଝିଅପୁଅ ମାନେ ଆପୋଷ ବୁଝାମଣାରେ ଜମି ଗୁଡିକ ଭାଗ କରି ଭୋଗ ଦଖଲ କରି ଆସୁଛନ୍ତି। ମାତ୍ର ସ୍ୱର୍ଗତ ରାଧାକୃଷ୍ଣଙ୍କ ଦୁଇ ପୁଅ କୈଳାସ ଓ ବଜରଙ୍ଗଲାଲ ଏବଂ ସ୍ୱର୍ଗତ ବ୍ରଜମୋହନଙ୍କ ଦୁଇ ପୁଅ ଭରତଲାଲ ଓ ମିଥିଲେଶ ନିଜ ନାମରେ ଜମି ପଟ୍ଟା କରିବା ପାଇଁ କୁଚିଣ୍ଡା ତହସିଲରେ ଆବେଦନ କରିଥିଲେ। ଏହାର ତଦନ୍ତ ପାଇଁ କୁଚିଣ୍ଡା ଆରଆଇ ଅର୍ଜୁନ ଚରଣ ବାଘଙ୍କୁ ଦାୟିତ୍ୱ ଦିଆଯାଇଥିଲା ମାତ୍ର ସେ ଚଞ୍ଚକତା କରି ସ୍ୱର୍ଗତ ଜଗଦୀଶ ଲାଲଙ୍କ ବର୍ତ୍ତମାନ ୨୭ ଜଣ ଉତ୍ତରାଧିକାରୀ ଥିବା ବେଳେ କେବଳ ଆବେଦନକାରୀ ଚାରି ଜଣ ହିଁ ତାଙ୍କର ଉତ୍ତରାଧିକାରୀ ଅଛନ୍ତି ବୋଲି ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଏ ସମ୍ପର୍କରେ କୌଣସି ସୂତ୍ରରୁ ଜାଣିବା ପରେ ସ୍ୱର୍ଗତ ମୁରାରିଲାଲଙ୍କ ପୁଅ ରାଜେଶ ଅଗ୍ରୱାଲ ତହସିଲରେ ନିଜର ଆପତ୍ତି ଜଣାଇ ସ୍ୱର୍ଗତ ଜଗଦୀଶ ଲାଲଙ୍କ ମୋଟ ୨୭ ଜଣ ଉତ୍ତରାଧିକାରୀ ଥିବା ଦାବି କରି ଜମି ପଟ୍ଟା କରାଯିବାକୁ ବିରୋଧ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ କୁଚିଣ୍ଡା ତହସିଲଦାର ୧୫୯ ଏବଂ ୧୬୦ ନମ୍ବର ଖାତାର ଆବେଦନକୁ ଖାରଜ କରି ଖାତା ନଂ .୬୩ ରେ ଥିବା ଘର ଡିହ ଜମି ୨୯ ଡିସିମିଲକୁ ଚାରି ଜଣ ଆବେଦନକାରୀ ନାମରେ ରେକର୍ଡ କରି ପଟ୍ଟା ପ୍ରଦାନ କରିଥିଲେ। ଏଭଳି ଜାଲିଆତି ପଟ୍ଟା ପ୍ରଦାନ ବାବଦରେ ଜାଣି ରାଜେଶ ଅଗ୍ରୱାଲ ଗତ ମାର୍ଚ୍ଚ ୩ ତାରିଖରେ ତହସିଲଦାରଙ୍କୁ ନିଜର ଆପତ୍ତି ଜଣାଇଥିଲେ ମଧ୍ୟ ସେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଏଥିରେ ନିରାଶ ହୋଇ ରାଜେଶ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଠାରେ ଅଭିଯୋଗ କରିଥିଲେ। ରାଜସ୍ୱ ମନ୍ତ୍ରୀ ଅଭିଯୋଗକୁ ଗୁରୁତରସହ ନେଇ ତଦନ୍ତ ପାଇଁ ସମ୍ବଲପୁର ଆରଡିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଏକ ଚାରି ଜଣିଆ ପ୍ରତିନିଧି ଦଳ କୁଚିଣ୍ଡା ତହସିଲ କୁ ଆସି ଘଟଣାରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟ ପାଇବା ପରେ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ଦଳେଇଙ୍କୁ ନିଲମ୍ବନ କରି ତାଙ୍କୁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି ଏବଂ ଜିଲ୍ଲାପାଳଙ୍କ ବିନା ଅନୁମତିରେ ଅଫିସ ନ ଛାଡ଼ିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ସେହିପରି ମିଥ୍ୟା ତଦନ୍ତ ରିପୋର୍ଟ ଦେଇ ଥିବାରୁ କୁଚିଣ୍ଡା ଆରଆଇ ଅର୍ଜୁନ ଚରଣ ବାଘଙ୍କୁ ଜିଲ୍ଲାପାଳ ମଙ୍ଗଳବାର ନିଲମ୍ବିତ କରି ତାଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରିଛନ୍ତି। ଏହି ଘଟଣା ବର୍ତ୍ତମାନ କୁଚିଣ୍ଡାରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

**AFFIDAVIT**

By virtue of an affidavit no.5610 on dt.16.09.2025 sworn before The Notary Public, Bhadrak. I, Amar Kumar Nayak, At-Tambakhandi, Po-Biras, Ps-Naikanidihi, Dist-Bhadrak, Pin-756125, Odisha, declare that Amar Nayak and Amar Kumar Nayak both are same person and father of Amit Kumar Nayak in the child's birth certificate. I have sworn an affidavit for correction, and hereby notify that my correct name is Amar Kumar Nayak for all future references.

**NOTICE**

By virtue of an affidavit sworn before Notary Public, Bhubaneswar dated.17.09.2025, I, Godavari Pradhan S/o-Basudev Pradhan resident of Vill-Upimarapatna Po-Tangi Dist-Khordha (Odisha) declare that I have changed my name from Gadadhar Pradhan to Godabari Pradhan. Henceforth I shall be known as Godabari Pradhan for all purposes.

Sd/-GODABARI PRADHAN

**NOTICE**

By virtue of an affidavit sworn before Notary Public, Bhubaneswar dated-17.09.2025, I, Basanti Pradhan W/o-Godabari Pradhan resident of Vill-Upimarapatna, Po-Tangi, Dist-Khordha (Odisha) declare that I have changed my name from Harash Pradhan (Harash Dei) to Basanti Pradhan. Henceforth I shall be known as Basanti Pradhan for all purposes.

Sd/-BASANTI PRADHAN




'ଦିନଲିପି' କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମା ପୂଜା (ଫଟୋ- ଦିନଲିପି)



ସ୍ୱଚ୍ଛ ପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ନିଜିଗଡ଼ ସେବା ସମବାୟ ସମିତିର ସ୍ଥାଣୁ ଅବସ୍ଥା : ଚାଷୀ ହନ୍ତସନ୍ତ

**ଆଠଗଡ,୧୭।୯(ନିପ୍ର):** ଆଠଗଡ ମୁଖ୍ୟାଳୟ ନିଜିଗଡ଼ ସମବାୟ ସମିତି ଅଚଳ ଅବସ୍ଥା ପରି ପ୍ରତୀୟମାନ ହେଉଛି। ନା ଅଛି ଚାଷୀଙ୍କ ପାଇଁ ସାର ନା ଅଛି ବିହନର ସୁବିଧା। କର୍ମଚାରୀମାନେ ମାସମାସ ଧରି ନିଜର ପ୍ରାପ୍ୟ ଦରମା ନପାଇ ହେଉଛନ୍ତି ହନ୍ତସନ୍ତ। ଖରିଫ ଧାନ ଚାଷ ପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କ ପାଇଁ ଆସୁଥିବା ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଛି। ହେଲେ ନିଜିଗଡ଼ ସେବା ସମବାୟ ସମିତିରୁ ଚାଷୀମାନେ ବିହନ ଓ ସାର ପାଇ ପାରିବେ ନାହିଁ ବୋଲି ଜଣାପଡିଛି। ମାତ୍ର ଆଠଗଡ ନିଜିଗଡ ସେବା ସମବାୟ ସମିତି ଚଳିତ ଖରିଫ ଧାନ ଚାଷ ପାଇଁ ଧାନ ବିହନ ଓ ସାର ଆଣି ନଥିଲେ। ଫଳରେ ସମିତିରେ ପଞ୍ଜିକରଣ କରିଥିବା ଚାଷୀମାନେ ବିହନ ଓ ସାର ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମିତି ପକ୍ଷରୁ ଗୋଦାମ ଗୃହ ନଥିବା ଦର୍ଶାଇ ସାର ଓ ବିହନ ବିକ୍ରୟ ହୋଇ ପାରିବ ନାହିଁ ବୋଲି ସମିତିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା। ଏ ବିଷୟରେ ସମିତିର ସଂପାଦକ ଆଠଗଡ ଏଆର ସିଏସଙ୍କୁ ଅବଗତ କରାଇଥିଲେ। ଚଳିତ ବର୍ଷ ସମିତିରେ ୧୧୪ ଜଣ ଚାଷୀ ପଞ୍ଜିକରଣ କରିଥିବା ଜଣାପଡିଛି। ଗତବର୍ଷ ସମିତି ପକ୍ଷରୁ ସାର ଓ ବିହନ ବିକ୍ରୟ ହୋଇଥିଲା। ଗତ ବର୍ଷ ୩୦ କୁଇଣ୍ଟାଲ ବିହନ ଓ ୬୦ ବସ୍ତା ସାର ବିକ୍ରୟ କରାଯାଇଥିଲା। ସରକାର ବଦଳିଛି ହେଲେ ଗତବର୍ଷ ଗୋଦାମ ଗୃହ ନଥିବା ବେଳେ ଧାନ ଓ ସାର ବିକ୍ରୟ ହୋଇଥିଲାବେଳେ ଚଳିତ ବର୍ଷ ଏପରି ଅବସ୍ଥାର କାରଣର ଜଣାପଡୁନାହିଁ। ସରକାରଙ୍କ ନିର୍ଦ୍ଦେଶନାମା ଥିବାବେଳେ ସମିତି ସରକାରଙ୍କ ନିର୍ଦ୍ଦେଶକୁ କିପରି ଉପେକ୍ଷା କରୁଛି ବୋଲି ଆଲୋଚନା ହେଉଛି। ମାସମାସ ଧରି କର୍ମଚାରୀମାନଙ୍କ ଦରମା ବନ୍ଦ ରଖିବା ତଥା ସରକାରଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରି ସାର ଓ ଧାନ ବିହନ ବିକ୍ରୟ ନ କରିବା ଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ବିସ୍ମିତ କରୁଛି।

### ଭାରତ ସହ ହ୍ୟାଣ୍ଡସେକ ବିବାଦ ପରେ ବଏକଟ୍

## ପାକିସ୍ତାନ ଏସିଆ କପ୍‌ରୁ ଓହରିଲା



ଦୁବାଇ,୧୭।୯: ପାକିସ୍ତାନ କ୍ରିକେଟ ଦଳ ଏସିଆ କପ୍ ୨୦୨୫ରୁ ଓହରି ଯାଇଛି। ଭାରତ ବିପକ୍ଷ ମ୍ୟାଚ ସମୟରେ ମ୍ୟାଚ ରେଫେରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ନେଇ ହ୍ୟାଣ୍ଡସେକ ବିବାଦ ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସଲମାନ ଆଘାଙ୍କ ନେତୃତ୍ୱାଧୀନ ଦଳକୁ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍ ମ୍ୟାଚ ବଏକଟ କରିବାକୁ ନିର୍ଦ୍ଦେଶ ଦେଇଛି। ମ୍ୟାଚ ଭାରତୀୟ ସମୟ ରାତି ୮ଟା (ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା)ରେ ଆରମ୍ଭ ହେବାର ଥିଲା। ୟୁଏଇ ଦଳ ଷ୍ଟାଡିୟମ ଅଭିମୁଖେ ଯାଇଥିବା ବେଳେ ପାକିସ୍ତାନ ଖେଳାଳିମାନେ ହୋଟେଲ ରୁମ୍‌ରେ ରହିଛନ୍ତି। ପାଇକ୍ରଫ୍ଟଙ୍କୁ ରେଫେରୀ ଦାୟିତ୍ୱରୁ ହଟାଇବା ପାଇଁ ପିସିବିର ଦାବି ଆଇସିସି ପ୍ରତ୍ୟାଖ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପିସିବି ଓ ଆଇସିସି ପକ୍ଷରୁ ମ୍ୟାଚର ସ୍ଥିତି କିମ୍ବା ପରିଣାମ ସମ୍ପର୍କରେ କୌଣସି ଆନୁଷ୍ଠାନିକ ବିବୃତି ଜାରି ହୋଇନାହିଁ।

## ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ ଉଦ୍‌ଘାଟିତ



**କଟକ, ୧୭/୯(ନିପ୍ର):** ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ (ଓପିଟିଏଲ)-୨୦୨୫ ସଂସ୍କରଣ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓପିଟିଏଲ ଟ୍ରଫିକୁ ଉନ୍ମୋଚନ କରିଥିଲେ। ଲିଗର ବ୍ରାଣ୍ଡ ଆମ୍ବାସଡ଼ର ପୂର୍ବତନ ଭାରତୀୟ ଦଳର ଅଲରାଉଣ୍ଡର ଇରଫାନ ପଠାନ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଫାଓ ସଂପାଦକ ଆଶୀର୍ବାଦ ବେହେରା, ଓସିଏ ସଂପାଦକ ସଂଜୟ ବେହେରା ଓ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଉଦଘାଟନୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୂଚନାଯୋଗ୍ୟ, ୧୬ ଦିନିଆ ଏହି ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗରେ ମୋଟ ୧୮ଟି ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୨୬ ତାରିଖରେ ଖେଳାଯିବ। ଉଦଘାଟନୀ ମ୍ୟାଚ କଟକ ପାନ୍ଥର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯାଇଥିଲା। କଟକ ପାନ୍ଥର୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଖେଳ ଦେଖିବା ପାଇଁ ପଡ଼ିଆରେ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

**ଆସିକା:** ଆସିକାର ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଦେବ ଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ନୀତିନିୟମ ଅନୁସାରେ ପୂଜାର୍ଚ୍ଚନା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସହରର ଉଠା ଜଳ ସେଚନ, ଜନ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ, ବିଦ୍ୟୁତ ବିଭାଗ, ଚିନି ଶିଳ୍ପ,ଗ୍ୟାରେଜ, ମହାରଣା ଶାଳ ଆସିକାକଳିଙ୍ଗ ରୋଡ଼ ସ୍ଥିତ ମହାଲକ୍ଷ୍ମୀ ଇଞ୍ଜିନିୟରିଙ୍ଗ ୱାର୍କସ, ଆସିକା ବଜାର ସାହି ସ୍ୱର୍ଣ୍ଣ କାରିଗର ସଙ୍ଘ ଆଦିରେ ପୂଜାର୍ଚ୍ଚନା କରାଯାଇଥିଲା।

**ବୁଗୁଡ଼ା:** ବୁଗୁଡ଼ା ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହା ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଘୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ନିକଟସ୍ଥ ଷୋଳମଇଲି ଠାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ୍ୟ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସ୍ୱକାର୍ଯ୍ୟାଳୟ ପରିସରରେ ଠାକୁର ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଥିବା ବେଳେ ଘୁମୁସର ତାଲୁକା ବିଶ୍ୱକର୍ମା ସମାଜ ପକ୍ଷରୁ ବାଲିପଦର ଗ୍ରାମସ୍ଥ ବିଶ୍ୱକର୍ମା ଭବନ ପରିସରରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି।

**ଦାମନଯୋଡି:** କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡିଠାରେ ଉଭୟ ନାଲକୋ ଖଣି ଓ ବିଶୋଧାନ ପ୍ରକଳ୍ପରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଅନ୍ୟ ପକ୍ଷରେ ବିଶୋଧନ ପ୍ରକଳ୍ପ ମଧ୍ୟକୁ ସର୍ବସାଧାରଣ ପ୍ରବେଶ ବାରଣ ରହିଥିଲା। ପ୍ରକଳ୍ପ ମଧ୍ୟରେ ବିଭିନ୍ନ ବିଭାଗରେ ବିଧି ଅନୁସାରେ ପୂଜା କରାଯାଇ ସେକ୍ଟର -୧ ସ୍ଥିତ ଖୋଲା ପଡ଼ିଆରେ ଆଡ଼ମ୍ବରପୂର୍ଣ୍ଣ ପୂଜା କରାଯାଇଥିଲା।

**ଚାରିଛକ:** ଚାରିଛକ ନିକଟରେ ଥିବା ନିମାପଡାର ଭୋଦର ସେକେଶନ ୧ର ବିଦ୍ୟୁତ କର୍ମଚାରୀ ଅଜୟ ସ୍ୱାଇଁ ,ବିଷ୍ଣୁଚରଣ ସ୍ୱାଇଁ ,ପ୍ରଶାନ୍ତ ମହାନ୍ତି ,ବାସୁଦେବ ସାହୁ ,ଅର୍ଜୁନ ସେନାପତି ,ଅଲେଖ ସାହୁ ,ରଞ୍ଜନ ସାହୁ ,ରାସ ବିହାରୀ ବାରିକ ପ୍ରମୁଖ ବିଶ୍ୱକର୍ମା ପୂଜା ପାଳନ କରିଥିବା ବେଳେ ଚାରିଛକ ନିକଟସ୍ଥ ଆଲୁଦଣ୍ଡା ପାଟଣା ଠାରେ ଥିବା କାକଟପୁର ବିଦ୍ୟୁତ ବିଭାଗର ସେକେଶନ ୨ର ଜେଇ ସଙ୍କେତ କୁମାର ବେହୁରାଙ୍କ ନେତୃତ୍ୱରେ ବିଶ୍ୱକର୍ମା ପୂଜା ଆୟୋଜନ କରାଯାଇଥିଲା।

**ଡେରାବିଶ:** ବ୍ଲକ ଅଧିନସ୍ଥ ଡେରାବିଶ ସ୍ଥିତ ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଦାନପୁର ପାଣିଓଳା ସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଛତା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ,ନାରାୟଣ ମେମୋରିଆଲ ଶିଳ୍ପ ତାଲିମ କେନ୍ଦ୍ର, ଛତା ଛକ ସ୍ଥିତ କେନ୍ଦ୍ରାପଡ଼ା ପଲ୍ଲିଟେକନିକ କଲେଜ ଓ ଜେ.କେ.ଡି ଆସୋସିଏଟସ ସମେତ ବିଭିନ୍ନ ଯାନ୍ତ୍ରିକ ଅନୁଷ୍ଠାନ ଓ ବିଭିନ୍ନ ଯାନ୍ତ୍ରିକ ବ୍ୟବସାୟ ସ୍ଥଳ ମାନଙ୍କରେ ଦେବ ଶିଳ୍ପୀଙ୍କୁ ଆବାହନ କରାଯାଇଛି।

**ଶେରଗଡ:** ଶେରଗଡ଼ ପିତଳ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର, ପଦ୍ମପୁର ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର,ଦମକଳ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସେହିପରି ଶେରଗଡ଼ ସ୍ଥିତ ଜଳ ପରିମଳ ବିଭାଗ ପକ୍ଷରୁ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଜଳପରିମଳ ବିଭାଗ ନୂତନ କାର୍ଯ୍ୟାଳୟରେ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ କର୍ତ୍ତା ଭାବେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିବା ବେଳେ ଅତିଥି ଭାବେ ବିଡ଼ିଓ ତୃପ୍ତିମୟୀ ଜେନା ଯୋଗ ଦେଇଥିଲେ।

**ଛତ୍ରପୁର:** ଛତ୍ରପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ଗ୍ରାମରେ ବିଶ୍ୱକର୍ମା ସମାଜ ପକ୍ଷରୁ ୧୨ତମ ବାର୍ଷିକ ପୂଜା ମହା ଆଡମ୍ବର ସହକାରେ ପାଳନ କରାଯାଇଛି। ଚଳିତବର୍ଷ ଚିତାକର୍ଷକ ତୋରଣ ସହିତ ଆଲୋକ ସଜ୍ଜାରେ ସୁସଜ୍ଜିତ କରାଯାଇଛି। ସେହିପରି ଛତ୍ରପୁର ସ୍ଥିତ ଡାଲଡାମିଲ ରୋଡ଼ରେ ବିଶ୍ୱକର୍ମା କାଠ କାରିଗର ସଂଘ ପକ୍ଷରୁ ମଧ୍ୟ ବହୁ ଧୁମଧାମରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ସହର ସମେତ ଆଖପାଖ ଗ୍ରାମରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ,ଜନସ୍ୱାସ୍ଥ୍ୟ ବିଭାଗ,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ବିଦ୍ୟୁତ ବିଭାଗ ଓ ଅନ୍ୟ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ସେହିପରି ଖଣ୍ଡପଡ଼ା ସହରର କାରିଗରି ସାହିରେ ମା ବ୍ରାହ୍ମଣିଦେବୀ ଯୁବକ ସଂଘ ପକ୍ଷରୁ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି।

**ଭାପୁର:** ଭାପୁର ସଦର ମହକୁମା ତଥା ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ବିଶ୍ୱର ସୃଷ୍ଟି କର୍ତ୍ତା ବିଶ୍ୱକର୍ମାଙ୍କ ପୂଜା ବୁଧବାର ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଭାପୁର ସଦର ମହକୁମାରେ ଅବସ୍ଥିତ ବିଦ୍ୟୁତ୍ ବିଭାଗ,ଜଳ ଓ ପରିମଳ ବିଭାଗ ତଥା ୱେଲଡିଂ ଓ ଗ୍ରିଲ୍ ଦୋକାନ ସହିତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି।

**ବେଲଗୁଣ୍ଠା:** ବେଲଗୁଣ୍ଠା ସ୍ଥିତ ଲକ୍ଷ୍ମୀନାରାୟଣ ଅଟୋ ମୋବାଇଲ୍ ୱର୍କସପ୍‌ରେ ପ୍ରତିଷ୍ଠାତା ସୂର୍ଯ୍ୟନାରାୟଣ ତ୍ରିପାଠି ଏବଂ ବନବାସୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ବୁଲୁ ରଥ ପୁରୋହିତ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ କର୍ମଚାରୀ ସୁବାଷ ମହାରଣା ଏବଂ ମନୋଜ ଭାଇ ସହଯୋଗ କରିଥିଲେ।

**ପୁରୀ:** ବିଶ୍ୱକର୍ମା ପୂଜା ଅବସରରେ ବିଭିନ୍ନ ଇଞ୍ଜିନିଅରିଂ ସଂସ୍ଥା ଓ ଅନ୍ୟାନ୍ୟ ସ୍ଥାନ ଗୁଡିକରେ ଧୁମଧାମରେ ପାଳିତ ହୋଇଯାଇଛି। ୱାଟକୋ, ରେଳବାଇ, ବିଦ୍ୟୁତ ସଂସ୍ଥା ଓ ଅନ୍ୟାନ୍ୟ ଯାନ୍ତ୍ରିକ ବିଭାଗ ପକ୍ଷରୁ ବିଶ୍ୱକର୍ମା ମୂର୍ତ୍ତିକୁ ପୂଜାମଣ୍ଡପରେ ବସାଇ ପୂଜାର୍ଚ୍ଚନା କରାଯାଉଥିବା ଦେଖାଯାଉଥିଲା। ମୀନସଂକ୍ରାନ୍ତି ଅବସରରେ ଏକ ନିଆରା ଢଙ୍ଗରେ ଶାନ୍ତି ଅନୁଷ୍ଠାନ ପକ୍ଷରୁ ଏକବର୍ଣ୍ଣ ପ୍ରସ୍ତୁତ କରାଯାଉ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା।

### ପାର୍ବତୀପୁର ଛକରୁ ଚୋରା ମଦ ଜବତ

**ପିପିଲି, ୧୭/୯(ନିପ୍ର):** ପିପିଲି ଏସଡ଼ିପିଓ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ ପାର୍ବତୀପୁର ଛକରୁ ଥାନା ଏସଆଇ ସସ୍ମିତା ବେହେରାଙ୍କ ଦ୍ୱାରା ଚୋରା ମଦ ଜବତ ହୋଇଛି। ଏନେଇ ବଳଙ୍ଗା ଥାନାରେ ମାମଲ ଆଗତ କରାଯାଇଛି। ସୂଚନା ଅନୁଯାୟୀ ଥାନା ଅଧିକାରୀ ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ ଛଅ ଲିଟର ମଦ ଜବତ କରିଥିଲେ। ଏନେଇ ବଳଙ୍ଗା ଥାନା କେସ ନଂ ୨୦୧/୨୫ ମାମଲା ଆଗତ ହୋଇଛି। ଚୋରା ବେପାରୀ ଜଣଙ୍କର ପରିଚୟ ଲକ୍ଷ୍ମୀଧର ପ୍ରଧାନ ବୋଲି ଜଣାପଡ଼ିଛି। ସଂପୃକ୍ତ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ. ST/OT/BRIDGE/KUR/495, ତା.: 05.09.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନ ଭଦ୍ରକ-ମଞ୍ଜୁରୀ ରୋଡ଼, ମଞ୍ଜୁରୀ ରୋଡ଼-ନିୟୁ ଗଡ଼ମଧୁପୁର, କେନ୍ଦ୍ରାପଡ଼ା ରୋଡ଼-ଭୁବନେଶ୍ୱର ନ୍ୟୁ, କଟକ-ପାରାଦୀପ, ଖୋର୍ଦ୍ଧା ରୋଡ଼-ପଲାସା, ନିର୍ଗୁଣ୍ଡି-ତାଳଚେର, ରାଜ ଆଠଗଡ଼-ବାରଙ୍ଗ, କପିଳାସ-ସାଳଗାଁ ଏବଂ ତାଳଚେର-ସମ୍ବଲପୁର ସେକ୍ସନରେ PSC ସ୍ଲାବ ବ୍ରିଜ୍ (SPANS 12.20m ଏବଂ 6.10m) ସହିତ ଷ୍ଟିଲ ଗର୍ଡ଼ର ବ୍ରିଜ୍‌ର ବ୍ୟାପକ ପ୍ରତିସ୍ଥାପନ ପାଇଁ S&T କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹ 8,82,90,273.96, **EMD :** ₹ 5,91,500/-, ବିଡ୍ ଆରମ୍ଭ ହେବା ତାରିଖ : 19.09.2025.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.10.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-604/Q/25-26

**ନିଖୋଜଙ୍କ ପାଇଁ ଖୋଜା**



ଏତଦ୍‌ଦ୍ୱାରା ଜନସାଧାରଣଙ୍କୁ ସୂଚନା ଦିଆଯାଉଛି କି ଜଣେ ନା ବାଳକ ନାମ **ଖଲିଦ୍, ପିତା: କମରୁଦ୍ଦିନ୍, ଆର୍/ଓ: ଝୁଗି ନଂ-୫୬, ଭଗବାନପୁରା, ଗଳି ନଂ-୧, ସମୟପୁର, ଦିଲ୍ଲୀ ତାଙ୍କ ଘରୁ ୧୯.୦୮.୨୦୨୨ ତାରିଖରୁ ନିଖୋଜ ଅଛନ୍ତି। ଏ ସଂକ୍ରାନ୍ତରେ ଏତଲା ନଂ. ୬୯୦/୨୨, ୟୁ/ଏସ୍: ୩୬୩ ଆଇପିସି, ତାରିଖ ୨୪.୦୯.୨୦୨୨ରେ ଦିଲ୍ଲୀ, ସମୟପୁର ବଦଲି ପୋଲିସ ଥାନାରେ ପଞ୍ଜୀକୃତ ହୋଇଅଛି।** ନିଖୋଜ ନାବାଳକ ସଂପର୍କରେ ନିମ୍ନ ଅନୁଯାୟୀ ବର୍ଣ୍ଣନା: **ନାମ: ଖଲିଦ୍, ବୟସ: ନିଖୋଜ ସମୟରେ ୧୩ ବର୍ଷ, ଉଚ୍ଚତା: ୪ ଫୁଟ୍ ୧୦ ଇଞ୍ଚ, ରଙ୍ଗ: ଫିକା ହଳଦିଆ, ମୁହଁ, ଗୋଲ, ଗଢ଼ଣ: ପତଳା, ଆଇଡି ମାର୍କ: ଡାହାଣ ଗାଲରେ କଟାଦାଗ, କହିବା ବେଳେ ଖନାଏ, ମାନସିକତା ଅସ୍ୱାଭାବିକ, ପୋଷାକ: ହଳଦିଆ ରଙ୍ଗର ସାର୍ଟ, କଳା ରଙ୍ଗର କୁର୍ତ୍ତା ଏବଂ ପାଦରେ ସ୍ଲିପର।** ଯଦି କେହି ଏହି ନିଖୋଜ ନାବାଳକ ସଂପର୍କରେ ସୂଚନା ପାଆନ୍ତି ଦୟାକରି ଜଣାନ୍ତୁ। ଥାନା: ସମୟପୁର ବଦଲି, ଦିଲ୍ଲୀ: ୱେବ୍: http://cbi.nic.in, Email: cic@cbi.gov.in ଫୋନ୍: ୦୧୧-୨୪୩୬୮୬୩୮/୨୪୩୬୮୬୪୧, ଫାକ୍ସ: ୦୧୧-୨୪୩୬୮୬୩୯ ଏସଏଚଓ ପୋଲିସ ଥାନା, ସମୟପୁର ବଦଲି, ଦିଲ୍ଲୀ ଫୋନ୍: ୮୯୨୦୮୨୩୭୯୩, ୯୯୧୧୪୮୯୭୫୭

DP/11843/ON/2025

## ପ୍ରଧାନମନ୍ତ୍ରୀଙ୍କୁ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଶୁଭେଚ୍ଛା




ପୁରୀ,୧୭/୯(ନିପ୍ର): ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୫ତମ ଜନ୍ମଦିନ ଉପଲକ୍ଷେ ବାଲୁକା ଆନିମେସନ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ସାରା ବିଶ୍ୱରେ କାରିଗରମାନେ ନିର୍ମାଣ କରିବା ପୂର୍ବରୁ ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରନ୍ତି ତାଙ୍କ କଳାକୃତି କରିବା ପାଇଁ ଠିକ୍ ସେହିପରି ନରେନ୍ଦ୍ର ମୋଦି ପ୍ରଭୁ ବିଶ୍ୱକର୍ମା ଆଶୀର୍ବାଦରେ ବିଭିନ୍ନ କ୍ଷେତ୍ରରେ ଭାରତକୁ ନିର୍ମାଣ କରୁଛନ୍ତି। ସାରା ବିଶ୍ୱରେ ଯେପରି ଭାରତକୁ ଭବିଷ୍ୟତ ପାଇଁ ନିର୍ମାଣ କରୁଛନ୍ତି ଯେପରି ଭାରତ ଉଚ୍ଚ ଶିଖରରେ ପହଞ୍ଚି ପାରିବ।

DSPL-247

Tele MANAS
National Tele Mental Health Program
14416



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆପଣଙ୍କ ସେବାରେ

ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା

୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ

ଉପଲବ୍ଧ ପରାମର୍ଶ ସେବା

- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା

ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।

OIPR-10003/13/0273/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ